ସାପ୍ତାହିକ ସ୍ୱୀକାର

Postal Regd. No.: SBP/14/2025-2027

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.29 | Issue - 9 | 2 - 8 March 2025 | Sambalpur | Pages- 8 | Invitation Price Rs.10

# ସମ୍ବଲପୁରରେ ବ୍ରହ୍ମାକୁମାରୀଜର ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ

















ସମ୍ବଲପୁର : ବ୍ରହ୍ମକୁମାରୀଜ୍ ସମ୍ବଲପୁର ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ଚାରିଦିନ ବ୍ୟାପୀ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକ୍ଷେତ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ପାର୍ବତୀ ଦିଦିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଚିପିଲିମା କୃଷି କଲେଜର ଡିନ୍ କୈଳାସଚନ୍ଦ୍ର ସାମଲ ଏବଂ ମାରୱାଡି ମହିଳା ମହାସଂଘର ସଭାନେତ୍ରୀ ରୀତା ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ପୂର୍ବତନ ବିଧାୟକ ରେଙ୍ଗାଲି ନାଉରୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ତୃତୀୟ ଦିବସରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି, ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ଅଂଶୁପ୍ରଜ୍ଞା ଦାସ ଓ ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ମୁଖ୍ୟଅତିଥି, ମାରୱାଡି ଯୁବମଞ୍ଚର ରାଜ୍ୟ ସଭାପତି ପରାଜ ଅଗ୍ରୱାଲ, ବିଶିଷ୍ଟ ଦନ୍ତ ବିଶେଷଜ୍ଞ ଡାକ୍ତର ଦୁର୍ଗାଶଙ୍କର ଶତପଥି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବ୍ରହ୍ମକୁମାରୀ ଆରତୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମା କୁମାରୀ ଦୀପା, ବ୍ରହ୍ମ କୁମାର ସୁନୀଲ ଓ ବ୍ରହ୍ମକୁମାର କୁମରମଣି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ହାସ୍ୟକବି ଗୁଣ ରଂଜନ ସାଲିମା ହାସ୍ୟରସ ପରିବେଷଣ କରିଥିଲେ । ଓମ୍ ଏକାଡେମି 'ଉଡାନ୍' ଗ୍ରୁପ୍ ଏବଂ ସାନିକା ଏକାଡେମିର ଝିଅ ମାନେ ନୃତ୍ୟ ପରିବେଷଣ କରିଥିଲେ । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଓ ଜ୍ୟୋତିର୍ଲିଙ୍ଗର ଆଧାତ୍ମିକ ରହସ୍ୟ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା । ପ୍ରତିଦିନ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ଗୋଟିଏ ସ୍ଥାନରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିଥିଲେ ।

# ଯକ୍ଷ୍ମା ନିରାକରଣ ପାଇଁ ଏମ୍‌ସିଏଲ୍ ସମ୍ମାନିତ

ଅନୁଗୁଳ : ଏମସିଏଲ୍ ଅନୁଗୁଳ ଜିଲ୍ଲାରେ ଯକ୍ଷ୍ମାରୋଗ ନିରାକରଣ ଏବଂ ଗରିବ ଲୋକଙ୍କ ଉନ୍ନତି ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନେଇଥିବାରୁ ସମ୍ମାନିତ ହୋଇଛି । ଅନୁଗୁଳ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏମ୍‌ସିଏଲ୍‌ର ଅଧକ୍ଷ ଉଦୟ ଅନନ୍ତ କାଓଲେଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପାଇଁ ସମ୍ମାନିତ କରିବା ସହିତ ପ୍ରଶଂସା ପତ୍ର ଦେଇଛନ୍ତି । ଏହି ଉତ୍ସବରେ ଢ଼େଙ୍କାନାଳ ଏମ୍.ପି ରୁଦ୍ର ନାରାୟଣ ପାଣି, ଅନୁଗୁଳ ଜିଲ୍ଲାପାଳ ଅବଦାଲ ଏମ୍. ଅକତର ଏମ୍.ସି.ଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏମସିଏଲ୍ ତାର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧିନରେ ଅନୁଗୁଳ ଜିଲ୍ଲାରେ ଯକ୍ଷ୍ମାରୋଗ ନିରାକରଣ ପାଇଁ ୨୫୪ଟି ପରିବାର ଏବଂ ୧୦୧୬ ଯକ୍ଷ୍ମା ରୋଗୀଙ୍କର ପୋଷଣ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ ସାମଗ୍ରୀ ଦେଇଛି । ଏହା ସହିତ ଯକ୍ଷ୍ମା ନିୟନ୍ତ୍ରଣ, ଏହି ରୋଗର ପ୍ରାରମ୍ଭିକ ନିଦାନ ଓ ଉପଚାରର ସଚେତନତା ପାଇଁ ପାଲଲହଡ଼ା, ତାଳଚେର ଏବଂ କଣିହାଁ ବ୍ଲକରେ ଏକ ରଥ ପରିକ୍ରମା କରୁଛି । ୨୦୨୫ ମସିହାରେ ଯକ୍ଷ୍ମା ରୋଗର ନିର୍ମୂଳ ପାଇଁ ରହିଥିବା କେନ୍ଦ୍ର ସରକାରଙ୍କ ଯୋଜନାକୁ ଦୃଷ୍ଟିରେ ରଖି ଏମ୍.ସି.ଏଲ୍ ଏହି ପଦକ୍ଷେପ ଗ୍ରହଣ କରିଛି ।





## ଏ ସଂଖ୍ୟାରେ..



ତାଳସଜର ଲାଭକାରୀ ଗୁଣ



ନଡିଆ ଓ ନଡିଆ ତେଲର ଉପକାରିତା



ସାସ୍ଥ୍ୟକର କଳାଜିରା



କାନ ସମସ୍ୟା ପାଇଁ ରସୁଣ ରସ



ଶରୀର ପାଇଁ ବହୁ ଲାଭଦାୟକ କନ୍ଦମୂଳ



ତେଜପତ୍ରର ଉପକାରିତା

# ଚିପିଲିମା କୃଷି କଲେଜରେ ଶିଳ୍ପ ଶୈକ୍ଷିକ ସମ୍ମିଳନୀ




ସମ୍ବଲପୁର : ଚିପିଲିମା କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟ ପରିସରରେ ଆନୁଷ୍ଠାନିକ ବିକାଶ ଯୋଜନା ଅନ୍ତର୍ଗତ ଜାତୀୟ କୃଷି ଉଚ୍ଚତର ଶିକ୍ଷାଗତ ପ୍ରକଳ୍ପ ଦ୍ୱାରା ୨ ଦିନିଆ ଶିଳ୍ପ ଶୈକ୍ଷିକ ସମ୍ମିଳନୀ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡକ୍ଟର କୈଳାସ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି, ସମ୍ବଲପୁର ଉଦ୍ୟାନକୃଷି ବିଭାଗ ଉପ ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ, ଚିପିଲିମା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡକ୍ଟର ସ୍ୱାଗତିକା ଶ୍ରୀଚନ୍ଦନ, କଳାମାଟି ସରପଞ୍ଚ ସୁଷମା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୃଷି ମହାବିଦ୍ୟାଳୟ ଅଧାପକ ଡକ୍ଟର ସୁରଜିତ ହାଲଦାର ସ୍ୱାଗତ ଭାଷଣ ଦେଇଥିଲେ ।

୧୯୮୦ ମସିହାରୁ ଏହି ମହାବିଦ୍ୟାଳୟ ଗଢି ଉଠିଥିଲେ ମଧ ବିଗତ ୪୪ ବର୍ଷ ମଧରେ ଏକ ମହାବିଦ୍ୟାଳୟର ଯେଉଁଭଳି ଭାବେ ଉନ୍ନତି ହେବା ଆବଶ୍ୟକ ତାହା ହୋଇ ପାରି ନାହିଁ ବୋଲି ମୁଖ୍ୟ ଅତିଥି ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରି ଏହି ମହାବିଦ୍ୟାଳୟକୁ ଆଗାମୀ ଦିନରେ କିଭଳି ଉନ୍ନତି କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ବର୍ତ୍ତମାନର ସରକାରଙ୍କ ପକ୍ଷରୁ ଆଗାମୀ ଦିନରେ ଏହି ମହାବିଦ୍ୟାଳୟର ଉନ୍ନତିକରଣ ପାଇଁ ଦୁଇଟି ପ୍ରସ୍ତାବ ଥିବା କହିଥିଲେ । ଗୋଟିଏ ହେଲା ଏହାକୁ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଅନ୍ୟଥା ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାର ଯୋଜନା ସରକାରଙ୍କ ପାଖରେ ରହିଛି ବୋଲି କହିଥିଲେ । ଅଞ୍ଚଳ କୃଷି ପ୍ରାଧାନ ଅଞ୍ଚଳ ହୋଇଥିବାରୁ ଏହି ଶିକ୍ଷାନୁଷ୍ଠାନ ଗୁଡିକରେ ଅଧିକ ଗବେଷଣା ଆବଶ୍ୟକ । ଏହା ଦ୍ୱାରା ଅଞ୍ଚଳର କୃଷକଙ୍କୁ କିପରି ସହଯୋଗର ହାତ ବଢ଼ାଯାଇ ପାରିବେ ସେ ଦିଗରେ ଯତ୍ନବାନ ହେବା ଜରୁରି ବୋଲି ଶ୍ରୀ ମିଶ୍ର କହିଥିଲେ । କାର୍ଯ୍ୟକ୍ରମକୁ ଅଧାପିକା ଚିନ୍ମୟୀ ପାତ୍ର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଏକ୍ସଆଇଏମ ଭୁବନେଶ୍ୱର ଅଧାପକ ତନ୍ମୟ ଖୁଣ୍ଟିଆ ଆୟୁର୍ବେଦ ପଦ୍ଧତି ମାଧମରେ ସ୍ଥାୟୀ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ରାଞ୍ଚି ଧନ୍ୱନ୍ତରି ନିର୍ଦ୍ଦେଶକ ଇଂ. ରବି ସିଂ ଚୌଧୁରୀ ଆୟୁର୍ବେଦର ଉପଯୋଗ ସମ୍ପର୍କରେ ବୁଝାଇଥିଲେ । ମଧପ୍ରଦେଶ ସହଡୋଲ କୃଷି ବିଜ୍ଞାନ କେନ୍ଦ୍ରର ବି. କେ. ପ୍ରଜାପତି ବୃକ୍ଷ ଆୟୁର୍ବେଦ ସମ୍ପର୍କରେ ନିଜ ଅଭିଜ୍ଞତା ପ୍ରକାଶ କରିଥିଲେ । ଅଧାପିକା ଡକ୍ଟର ପ୍ରଜ୍ଞାଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିସୁଟରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା 'ପ୍ରାରମ୍ଭ-୨୦୨୫' ଉଦ୍‌ଯାପିତ

ବୁର୍ଲା : ଭିସୁଟରେ ଚାଲିଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା 'ପ୍ରାରମ୍ଭ-୨୦୨୫'ର ଉଦ୍‌ଯାପନୀ ଦିବସରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଭାରପ୍ରାପ୍ତ କୁଳପତି ପ୍ରଫେସର ବିଭୂତି ଭୂଷଣ ପତି, ଛାତ୍ର କଲ୍ୟାଣ ବିଭାଗ ଅଧକ୍ଷ ପ୍ରଫେସର ରାକେଶ ରୋସନ ଦାଶ, କ୍ରୀଡ଼ା ଉପାଧକ୍ଷ



ଡ.ସତ୍ୟବ୍ରତ ଦାସ, ଡ.ପୁଣ୍ୟପ୍ରିୟା ମିଶ୍ର, ଡ.ତୃପ୍ତିରଞ୍ଜନ ମହାପାତ୍ର, ଛାତ୍ରକ୍ରୀଡ଼ା ସଚିବ ଅମରେଶ ମହାପାତ୍ର ଏବଂ ଅନ୍ୟାନ୍ୟ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କ୍ରୀଡ଼ା କେବଳ ଏକ ମନୋରଞ୍ଜନ ନୁହେଁ, ବରଂ ଏହା ମନୁଷ୍ୟର ଶାରୀରିକ ଏବଂ ମାନସିକ ଅଭିବୃଦ୍ଧି ସହ ଅନୁଶାସନ, ଦଳୀୟ ଭାବନା ଓ ନିଶ୍ଚିତ ଲକ୍ଷ୍ୟ ପ୍ରତି ଏକାଗ୍ରତା ବୃଦ୍ଧି କରେ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ । ଏଥି ସହିତ ଫୁଟବଲ ଫାଇନାଲ ଖେଳର ଶୁଭାରମ୍ଭ କରିଥିଲେ ।

# ଝାରସୁଗୁଡ଼ା ଓ ସମ୍ବଲପୁରରେ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା

ଝାରସୁଗୁଡ଼ା : ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଝାରସୁଗୁଡ଼ାରେ ଧାନକ୍ରୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନବଲ କିଶୋର ଅଗ୍ରୱାଲ, ବରଗଡ଼ ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସର୍ଣ୍ଣା, ବିଧାୟକ ପ୍ରତିନିଧି ପ୍ରେମସେନ ରାୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଝାରସୁଗୁଡ଼ାରେ ଚଳିତ ବର୍ଷ ଧାନକିଣା ସୁରୁଖୁରୁରେ ହୋଇଥିବା ପ୍ରକାଶ କରି ଧାନକ୍ରୟକୁ ଦଲାଲମୁକ୍ତ କରାଯିବ ବୋଲି ଉଲ୍ଲେଖ କରିଛନ୍ତି । ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୯ ଲକ୍ଷ ୧ହଜାର ୮୬୩.୮୭ କ୍ୱିଣ୍ଟାଲ୍ ଧାନ କ୍ରୟ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାରେ ଇ-କେୱାସି ପଞ୍ଜିକରଣ, ଚାଷୀ ପଞ୍ଜିକରଣ, ରାସନ କାର୍ଡ଼ ସ୍ଥିତି ଓ କର୍ମଚାରୀ ସଂଖ୍ୟା ସମ୍ପର୍କରେ ଅବଗତ କରାଇଥିଲେ ।



ସେହିପରି ସମ୍ବଲପୁର ଜିଲ୍ଲା ପ୍ରଶାସନ ତଥା ଯୋଗାଣ ବିଭାଗ ଅଧିକାରୀଙ୍କୁ ନେଇ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ସମୀକ୍ଷା କରିଛନ୍ତି । ଏଥିରେ ଜିଲ୍ଲାରେ ଚାଷୀଙ୍କ ଧାନ କିଣାକୁ ନେଇ ବିଶେଷ ଆଲୋଚନା ହୋଇଥିଲା । ଚାଷୀ କିଭଳି ସୁରୁଖୁରୁରେ ଧାନ ବିକ୍ରି କରିଛନ୍ତି ତା ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ । ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର, ସାଂସଦ ପ୍ରତିନିଧି ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲ୍ଲାପାଳ ଏବଂ ଯୋଗାଣ ବିଭାଗ ଅଧିକାରୀ ବୈଠକରେ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ତଥ୍ୟ ପ୍ରଦାନ କରିଥିଲେ ।

# ମନୁଷ୍ୟ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ

ଜଗତ କଲ୍ୟାଣ ପାଇଁ ସର୍ବଦା ଭ୍ରମଣରତ ଦେବର୍ଷି ନାରଦଙ୍କ ସ୍ଥିତି କିଛି ଦିନ ଧରି ଅତ୍ୟନ୍ତ ବିଚିତ୍ର ହୋଇଯାଇଥିଲା । ତାଙ୍କ ମନରେ ବ୍ୟାକୁଳତା ବଢ଼ି ଚାଲିଥିଲା । ଏହି ବିରାଟ ସୃଷ୍ଟି ଓ ତାହା ସହିତ ଜଡ଼ିତ ଜଡ଼-ଚେତନ ଘଟକଗୁଡ଼ିକ ଉପରେ ସେ ଯେତିକି ବିଚାର କରୁଥିଲେ, ସେହି ବିଚାରରେ ସେତିକି ଫସି ଯାଉଥିଲେ । ତାଙ୍କର ଏହି ବ୍ୟାକୁଳତା, ଅସନ୍ତୋଷ ଓ ଜଟିଳତାର କାରଣ କ'ଣ ଥିଲା ?

ପ୍ରକୃତରେ ଦେବର୍ଷି ନାରଦଙ୍କ ମନରେ ଏମିତି ଏକ ପ୍ରଶ୍ନ ଉପନ୍ନ ହୋଇଥିଲା, ଯାହା ତାଙ୍କୁ ଜଟିଳତାରେ ଫସାଇ ଦେଇଥିଲା, କିନ୍ତୁ ସେହି ପ୍ରଶ୍ନଟି କ'ଣ ଥିଲା ? ପ୍ରଶ୍ନଟି ଥିଲା- 'ଏହି ବିରାଟ ସୃଷ୍ଟିରେ ସବୁଠାରୁ ବଡ଼ ଓ ସବୁଠାରୁ ମହାନ୍ କିଏ ?' ପ୍ରଶ୍ନ ଅତ୍ୟନ୍ତ ଗମ୍ଭୀର, ବିଚାରଣୀୟ ଓ ଗୁରୁତ୍ୱପୂର୍ଣ୍ଣ ଥିଲା ।

ସେ ଏହି ପ୍ରଶ୍ନର ଉତ୍ତର ପାଇବାକୁ ବ୍ୟାକୁଳ ଥିଲେ ଏବଂ ଚିନ୍ତନ-ମନନ କରିବାରେ ଲାଗିଥିଲେ, କିନ୍ତୁ ଏହି ପ୍ରଶ୍ନର କୌଣସି ଉତ୍ତର ତାଙ୍କୁ ମିଳିପାରୁ ନ ଥିଲା । ଏଣୁ ସେହି ପ୍ରଶ୍ନର ଉତ୍ତର ପାଇବାକୁ ସେ କୋଳାହଳ ଠାରୁ ଦୂରରେ କୌଣସି ଏକାନ୍ତ ସ୍ଥାନକୁ ତତ୍ତ୍ୱ ସାଧନା ପାଇଁ ଚାଲିଗଲେ ।

ଏକାନ୍ତରେ ତତ୍ତ୍ୱ ସାଧନା କରିବା କାରଣରୁ ଲୋକ-ଲୋକାନ୍ତରକୁ ତାଙ୍କର ଆତଯାତ ବନ୍ଦ ହୋଇଗଲା । ତାଙ୍କ ମାଧମରେ ସମୟ ସମୟରେ ଅନ୍ୟ ଲୋକଗୁଡ଼ିକର ଯେଉଁ ସବୁ ସମାଚାର ମିଳୁଥିଲା, ତାହା ମିଳିବା ବନ୍ଦ ହୋଇଗଲା । ଏହି ସୂଚନା ଭଗବାନ ବିଷ୍ଣୁଙ୍କୁ ବି ମିଳିଲା ।

ଭଗବାନ ବିଷ୍ଣୁ ନାରଦଙ୍କୁ ଖୋଜିବା ତଥା ତାଙ୍କୁ ସାଙ୍ଗରେ ଧରି ଆସିବା ପାଇଁ ନିଜର ଜଣେ ଦୂତକୁ ପଠାଇଲେ । ଦୂତ ନିଜର ଅନ୍ତଦୃଷ୍ଟିରେ ଦେଖିଲା ଯେ ଦେବର୍ଷି ନାରଦ ବିଷ୍ଣୁଲୋକ ଠାରୁ ବହୁତ ଦୂରରେ ଏକ ନିର୍ଜନ ଏକାନ୍ତ କ୍ଷେତ୍ରରେ ତପ-ସାଧନା କରୁଛନ୍ତି ।

ସେହି ଦୂତ ସେଠାରେ ପହଞ୍ଚି ଦେବର୍ଷିଙ୍କୁ ଭଗବାନ ବିଷ୍ଣୁଙ୍କ ସନ୍ଦେଶ ଶୁଣାଇଲା ଏବଂ ପ୍ରଭୁ ଆପଣଙ୍କୁ ଶୀଘ୍ର ଡକାଇଛନ୍ତି ବୋଲି କହିଲା । ଦେବର୍ଷି ନାରଦ ସେହି ଦୂତ ସହିତ ତୁରନ୍ତ ବିଷ୍ଣୁଲୋକରେ ପହଞ୍ଚିଲେ । ତାଙ୍କୁ ଦେଖି ଅନ୍ତର୍ଯାମୀ ଭଗବାନ ତୁରନ୍ତ ବୁଝିଗଲେ ଯେ ଦେବର୍ଷି ନାରଦ କୌଣସି ସମସ୍ୟାରେ ଅତି ଚିନ୍ତିତ ଅଛନ୍ତି ।

ଭଗବାନ ବିଷ୍ଣୁ ପଚାରିଲେ- 'ନାରଦ ! ଆପଣ ଅତି ଚିନ୍ତିତ ଜଣା ପଡୁଛନ୍ତି । ଏହାର କାରଣ କ'ଣ ? ପଚାରିବାରୁ ଦେବର୍ଷି ନାରଦ କହିଲେ- ''ଦେବ ! କିଛି ଦିନ ଧରି ମୋ ମନ ଭିତରେ ବାରମ୍ବାର ଗୋଟିଏ ପ୍ରଶ୍ନ ଉଠୁଛି । ପ୍ରଶ୍ନଟି ହେଲା- ଏ ଜଗତରେ ସବୁଠାରୁ ମହାନ୍ କିଏ ? ସବୁଠାରୁ ଶ୍ରେଷ୍ଠ କିଏ ? ଏହା ହିଁ ମୋ ଚିନ୍ତାର କାରଣ । ହେ ପ୍ରଭୁ ! ଆପଣ ସର୍ବଜ୍ଞ । ଆପଣ ଏହି ପ୍ରଶ୍ନର ସମାଧାନ କରି ମୋର ବ୍ୟାକୁଳତା ଦୂର କରନ୍ତୁ ।

ଭଗବାନ ବିଷ୍ଣୁ କହିଲେ- 'ନାରଦ ! ପ୍ରତ୍ୟକ୍ଷ ରୂପେ ତ ଏଇ ପୃଥିବୀ ସବୁଠାରୁ ବଡ଼ ଦେଖାଯାଏ, କିନ୍ତୁ ତାହା ମଧ ସମୁଦ୍ର ଦ୍ୱାରା ପରିବେଷ୍ଟିତ । ଅତଏବ ପୃଥିବୀ ମଧ ବଡ଼ ନୁହେଁ । ବାକି ରହିଲା ସମୁଦ୍ର କଥା, ତ ତାକୁ ଅଗସ୍ତି ମୁନି ପିଇ ଦେଇଥିଲେ । ଏଣୁ ସମୁଦ୍ର ବଡ଼ ହୋଇ ପାରିବ କିପରି ? ଏଥିରୁ ତ ଅଗସ୍ତି ମୁନି ସବୁଠାରୁ ବଡ଼ ଜଣା ପଡୁଛନ୍ତି ।

ଭଗବାନ ଆଗକୁ କହିଲେ- 'ଦେଖିବାକୁ ଗଲେ ଅନନ୍ତ ଆକାଶରେ ଏକ ସୀମିତ ସୂଚିକା ସଦୃଶ ଅଂଶରେ ସେ କେବଳ ଏକ ଖଦ୍ୟୋତ ସମାନ ଚମକୁଛନ୍ତି । ବିରାଟ ଆକାଶ ସମକ୍ଷରେ ତ ତାଙ୍କର କିଛି ବି ବିସ୍ତାର ନାହିଁ । ତେଣୁ ସେ ମଧ ବଡ଼ ହୋଇ ନ ପାରନ୍ତି । ତାଙ୍କ ଠାରୁ ଆକାଶ ଅସଂଖ୍ୟ ଗୁଣ ବଡ଼, କିନ୍ତୁ ଥରେ ବାମନ ଅବତାର ସମଗ୍ର ଆକାଶକୁ କେବଳ ଗୋଟିଏ ପାଦରେ ମାପି ଦେଇଥିଲେ । ଏଣୁ ଆକାଶର ମହାନତା ମଧ ସନ୍ଦିଗ୍ଧ ପ୍ରମାଣିତ ହେଉଛି ।

ଭଗବାନ ନିଜର ସଂବୋଧନ ଜାରୀ ରଖିଲେ ଓ କହିଲେ – 'ଆକାଶ ତୁଳନାରେ ବାମନ ଅବତାରଙ୍କ ସାମର୍ଥ୍ୟ ଅଧିକ ଜଣାପଡୁଛି, କିନ୍ତୁ ସେହି ବାମନ ଅବତାରଙ୍କ ଅଙ୍ଗୁଳି ସମାନ ସ୍ୱରୂପ ପ୍ରତ୍ୟେକ ମନୁଷ୍ୟର ଅନ୍ତଃକରଣରେ ଆତ୍ମା ରୂପରେ ବିଦ୍ୟମାନ ଏବଂ ଯାହା ମଧରେ ସ୍ୱୟଂ ଈଶ୍ୱରୀୟ ସତ୍ତା ବୀଜ ରୂପେ ବିଦ୍ୟମାନ ଅଛନ୍ତି, ତାଙ୍କଠାରୁ ବଳି ମହାନ୍ ଆଉ କିଏ ହୋଇ ପାରିବ ? ସେହି ବୀଜକୁ ବିକଶିତ କରି ଆତ୍ମା ପରମାତ୍ମାଙ୍କ ସ୍ଥିତିରେ ପହଞ୍ଚି ପାରିବ ଏବଂ ମନୁଷ୍ୟର ଅନ୍ତଃକରଣରେ ସ୍ଥିତ ଆତ୍ମା ସେହି ସବୁ ବିଶେଷତାରେ ସୁସଂପନ୍ନ ହୋଇ ପାରିବ, ଯାହା ପରମସତ୍ତାଙ୍କ ମଧରେ ରହିଛି ।

ଦେବର୍ଷିଙ୍କ ଦୃଷ୍ଟିକୁ ଆଲୋକିତ କରି ଭଗବାନ କହିଲେ- 'କ୍ଷୁଦ୍ର ଏକ ବୀଜ ମଧରେ ବୃକ୍ଷ ଦେଖାଯାଏ ନାହିଁ, କିନ୍ତୁ ସେହି କ୍ଷୁଦ୍ର ବୀଜରେ ହିଁ ବିରାଟ ବୃକ୍ଷ ସୂକ୍ଷ୍ମ ରୂପେ ଉପସ୍ଥିତ ଥାଏ ଏବଂ ଯେତେବେଳେ ସେହି ବୀଜକୁ ଅନୁକୂଳ ଜଳବାୟୁ ପ୍ରାପ୍ତ ହୁଏ, ସେତେବେଳେ ସେହି ବୀଜରୁ ଅଙ୍କୁରଣ ରୂପେ ବିରାଟ ବୃକ୍ଷର ପ୍ରକଟୀକରଣର ପ୍ରକ୍ରିୟା ପ୍ରାରମ୍ଭ ହୋଇଯାଏ, ଠିକ୍ ଯେମିତି ଜ୍ଞାନ, କର୍ମ, ଭକ୍ତି, ସାଧନା, ସ୍ୱାଧାୟ, ଜପ-ତପ ଆଦି ପ୍ରକ୍ରିୟାଗୁଡ଼ିକ ଅତିକ୍ରମ କରିବା ପରେ ଆତ୍ମାରେ ପରମାତ୍ମାଙ୍କ ପ୍ରକଟୀକରଣ ହୋଇଥାଏ । ଏଣୁ ହେ ନାରଦ ! ମନୁଷ୍ୟ ହିଁ ଏଇ ସୃଷ୍ଟିରେ ସବୁଠାରୁ ମହାନ୍ ।''

ଦେବର୍ଷି ନାରଦଙ୍କୁ ଏହି ପରି ନିଜ ପ୍ରଶ୍ନର ସମାଧାନ ମିଳିଗଲା । ତାଙ୍କୁ ଯଥାର୍ଥତାର ବୋଧ ହେଲା ତାଙ୍କର ବ୍ୟଗ୍ରତା ଓ ବ୍ୟାକୁଳତା ସମାପ୍ତ ହୋଇଗଲା । ଭଗବାନଙ୍କ ଦ୍ୱାରା ନାରଦଙ୍କୁ ଯେଉଁ ଜ୍ଞାନ ଉପଲବ୍ଧ ହେଲା, ତାହାକୁ ଭୂଲୋକବାସୀଙ୍କୁ ହୃଦୟଙ୍ଗମ କରାଇବା ପାଇଁ ସେ ତୁରନ୍ତ ଭୂଲୋକ ଦିଗରେ ପ୍ରସ୍ଥାନ କଲେ ।

# ସଂକ୍ଷେପରେ ସାଂଖ୍ୟ



## ଡ଼ଃ ପ୍ରମୋଦ କୁମାର ପଣ୍ଡା

ଭାରତୀୟ ପ୍ରାଚୀନ ହିନ୍ଦୁ ଦର୍ଶନ ଛଅ ଭାଗରେ ବିଭକ୍ତ । ସାଂଖ୍ୟ ଦର୍ଶନ, ଯୋଗ ଦର୍ଶନ, ନ୍ୟାୟ ଦର୍ଶନ, ବୈଶେଷିକ ଦର୍ଶନ, ମୀମାଂସା ବା ପୂର୍ବ ମୀମାଂସା ଦର୍ଶନ ଏବଂ ବେଦାନ୍ତ ବା ଉତ୍ତର ମୀମାଂସା ଦର୍ଶନ । ଏହାକୁ ଷଡ଼ ଦର୍ଶନ ମଧ କୁହାଯାଏ ।

ସଂଖ୍ୟା ଶବ୍ଦରୁ ସାଂଖ୍ୟର ସୃଷ୍ଟି । ସାଂଖ୍ୟ ଦର୍ଶନ ବୁଝିବାକୁ ହେଲେ ପ୍ରଥମେ ସଂଖ୍ୟା ଶବ୍ଦର ଅର୍ଥ ଜାଣିବାକୁ ହେବ । ଯାହା ଠିକ ଠିକ ଜ୍ଞାନ ପ୍ରଦାନ କରେ ତାକୁ ସଂଖ୍ୟା କୁହାଯାଏ । 'ସମ୍ୟକ ଜ୍ଞାୟତେ ବସ୍ତୁ ତତ୍ତ୍ୱଂ ଅନୟା ଇତି ସଂଖ୍ୟା' । ସଂଖ୍ୟାର ଆଶ୍ରୟରେ ନିଜର ସ୍ୱରୂପକୁ ଯେଉଁ ଶାସ୍ତ୍ର ପ୍ରକଟ କରେ ତାକୁ ସାଂଖ୍ୟ ଦର୍ଶନ କୁହନ୍ତି । 'ତସ୍ୟାଂ ସଂଖ୍ୟାୟାଂ ପ୍ରକାଶମାନଂ ଆତ୍ମତତ୍ତ୍ୱଂ ସାଂଖ୍ୟଂ' ପଚିଶ ତତ୍ତ୍ୱ ଆଧାରରେ ବସ୍ତୁ ବ୍ୟାଖ୍ୟା କରୁଥିବା ଶାସ୍ତ୍ର ସାଂଖ୍ୟ ଶାସ୍ତ୍ର ଅଟେ । ପଞ୍ଚବିଂଶତି ତତ୍ତ୍ୱାନାଂ ସଂଖ୍ୟା ବିଚାରଃ ତମ୍ ଅଧିକୃତ୍ୟ ଗ୍ରନ୍ଥଃ ସାଂଖ୍ୟ ।'

କପିଳ ମୁନି ପ୍ରଣୀତ ସାଂଖ୍ୟ ଦର୍ଶନ ଛଅ ଅଧାୟ ବିଶିଷ୍ଟ । ଏହି ଶାସ୍ତ୍ରରେ ମୋଟ ୫୨୭ ଟି ସୂତ୍ର ରହିଛି । ଜ୍ଞାନ ଓ ମୁକ୍ତି ଏହି ଦର୍ଶନର ମୂଳ ପ୍ରତିପାଦ୍ୟ ବିଷୟ । ପ୍ରକୃତି, ପୁରୁଷ, ସତକାଯ୍ୟବାଦ ଓ ସମାଧି ସମ୍ବନ୍ଧିତ ତତ୍ତ୍ୱ ସମାବିଷ୍ଟ ସାଂଖ୍ୟ ଦର୍ଶନ ଉତ୍କୃଷ୍ଟ ଜ୍ଞାନ ପାପ୍ତିର ଦୁର୍ଲଭ ସ୍ରୋତ ।

ପ୍ରକୃତି ଏକ, ପ୍ରବାହତଃ ଅନାଦି, ନିତ୍ୟ, ଅଚେତନ (ଜଡ଼), ପରତନ୍ତ୍ର ଅଟେ । ପରନ୍ତୁ ପୁରୁଷ (ଆତ୍ମା) ନିତ୍ୟ, ଚେତନ, (ଶରୀର ବିନା) ନିଷ୍କ୍ରିୟ, ସ୍ୱତନ୍ତ୍ର, ଶାନ୍ତ, ତଟସ୍ଥ, ଶୁଦ୍ଧ, ବୁଦ୍ଧ ଏବଂ ଅଳ୍ପଜ୍ଞ ଅଟେ । ସାଂଖ୍ୟ ଦର୍ଶନ ଅନୁସାରେ ସତ୍ତ୍ୱ-ରଜସ- ତମସ୍ ସଂଜ୍ଞକ ତିନିଗୁଣର ସାମ୍ୟାବସ୍ଥାର ନାମ ପ୍ରକୃତି । 'ସତ୍ତ୍ୱରଜସ୍ତମସାଂ ସାମ୍ୟାବସ୍ଥା ପ୍ରକୃତିଃ' । ଅନ୍ୟପକ୍ଷରେ ପୁରୁଷ ସକଳ ବିକାର ରହିତ ତଥା ରାଗ, ଦ୍ୱେଷ, ଅହଂକାର ଆଦିର ଉର୍ଦ୍ଧ୍ୱରେ । ପ୍ରକୃତି ଜଡ଼, ପୁରୁଷ କିନ୍ତୁ ଅଳ୍ପଜ୍ଞ ଓ ସୀମିତ ଶକ୍ତି ସଂପନ୍ନ । ତେଣୁ ଉଭୟ ସ୍ୱତନ୍ତ୍ର ଭାବେ ସୃଷ୍ଟି ସର୍ଜନା କରିବାରେ ଅସମର୍ଥ । ଅତଃ ସର୍ବଜ୍ଞ, ସର୍ବସ୍ଥିତ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରେରଣାରେ ପ୍ରକୃତିର ଉପଯୋଗରେ ବିଶ୍ୱ ଓ ବିଶ୍ୱରେ ବିଦ୍ୟମାନ ସମସ୍ତ ତତ୍ତ୍ୱ ନିର୍ମାଣ ହୁଏ । ବିନା କାରଣରେ କାର୍ଯ୍ୟର ଉତ୍ପତ୍ତି ହୁଏନାହିଁ । କାର୍ଯ୍ୟର ଉତ୍ପତ୍ତି ପୂର୍ବ କାରଣରେ ହିଁ ବିଦ୍ୟମାନ ଥାଏ । ପ୍ରକୃତି ହିଁ ବିଶ୍ୱର ସମସ୍ତ ବସ୍ତୁର ଆଦି କାରଣ ବୋଲି ସାଂଖ୍ୟ ଦର୍ଶନ ମତ ଦେଇଥାଏ । କାର୍ଯ୍ୟ ଓ କାରଣ ବିଶ୍ୱରେ ଉତ୍ପନ୍ନ ସମସ୍ତ ବସ୍ତୁର ବ୍ୟାଖ୍ୟା କରିଥାଏ । କାର୍ଯ୍ୟ-କାରଣ ସମ୍ବନ୍ଧକୁ ସାଂଖ୍ୟ ଦର୍ଶନରେ ସତ୍କାର୍ଯ୍ୟବାଦ କୁହାଯାଏ ।

ତତ୍ତ୍ୱର ଅର୍ଥ ଯେଉଁ ପଦାର୍ଥରେ ଅନ୍ୟ ପଦାର୍ଥର କିଛି ବି ଗୁଣ ମିଶି ନଥାଏ । ତତ୍ତ୍ୱ ସର୍ବଦା ଅମିଶ୍ର । ବିଶୁଦ୍ଧ । ତିନି ଗୁଣ (ସତ୍ତ୍ୱ, ରଜସ୍ ଓ ତମସ୍) ସାମ୍ୟାବସ୍ଥା ପ୍ରକୃତିରୁ ମହତତ୍ତ୍ୱ ଅର୍ଥାତ ବୁଦ୍ଧି ସୃଷ୍ଟି ହୋଇଛି । ବୁଦ୍ଧିରୁ ଅହଂକାର, ଅହଂକାରରୁ ଷୋହଳ ଦ୍ରବ୍ୟର (ପଞ୍ଚ ତନ୍ମାତ୍ରା, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ,ଏକ ଉଭୟେନ୍ଦ୍ରିୟ) ସୃଷ୍ଟି । ପଞ୍ଚ ତନ୍ମାତ୍ରାରୁ ପଞ୍ଚଭୁତର ନିର୍ମାଣ ହୋଇଛି । ଅନ୍ୟ ଏକ ତତ୍ତ୍ୱ ହେଲା ପୁରୁଷ ଅର୍ଥାତ ଜୀବାତ୍ମା, ଯାହା ଅସଂଖ୍ୟ ଏବଂ ପରମାତ୍ମା,ଏକ । ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ହେଉଛନ୍ତି ପଞ୍ଚ ତନ୍ମାତ୍ରା । ଆଖି, କାନ, ନାକ, ଜିଭ ଓ ତ୍ୱଚା ହେଲେ ପଞ୍ଚ ଜ୍ଞାନେନ୍ଦ୍ରିୟ । ହାତ, ଗୋଡ଼, ମୁହଁ, ମଳଦ୍ୱାର ଓ ଜନନେନ୍ଦ୍ରିୟ ହେଉଛନ୍ତି ପଞ୍ଚ କର୍ମେନ୍ଦ୍ରିୟ । ସାଂଖ୍ୟ ଦର୍ଶନ ଅନୁସାରେ ଉଭୟେନ୍ଦ୍ରିୟ (ମନ) ସ୍ୱରୂପତଃ ସ୍ଥିର ଅଟେ । କିନ୍ତୁ ସତ୍ତ୍ୱ, ରଜସ୍ ଓ ତମସର ପ୍ରଭାବରେ ଏହା ଅନୁରୂପ ଗୁଣ ପ୍ରକାଶ କରିଥାଏ । ପୃଥିବୀ, ଜଳ, ବାୟୁ, ଅଗ୍ନି ଓ ଆକାଶ ହେଲେ ପଞ୍ଚ ମହାଭୂତ । ଶରୀର ପଞ୍ଚ ମହାଭୂତର ସମାହାର ମାତ୍ର । ଶରୀର (କାର୍ଯ୍ୟ ପଦାର୍ଥ) ନଷ୍ଟ ହେଲେ ପଞ୍ଚ ମହାଭୂତ (କାରଣ ପଦାର୍ଥ) ରେ ଲୀନ ହୋଇ ଯାଇଥାଏ ।

ସାଂଖ୍ୟ ଦର୍ଶନ ଅନୁଯାୟୀ ଦୁଃଖ ତିନି ପ୍ରକାରର । ଆଧାତ୍ମିକ, (ନିଜ ଯୋଗୁଁ ମିଳୁଥିବା ଶାରୀରିକ ଓ ମାନସିକ ଦୁଃଖ), ଆଧିଭୌତିକ (ଅନ୍ୟ ପ୍ରାଣୀଙ୍କଠାରୁ ଅନ୍ୟାୟରେ ମିଳୁଥିବା ଦୁଃଖ) ଏବଂ ଆଧିଦୈବିକ (ଦୈବୀଶକ୍ତିଠାରୁ ମିଳୁଥିନା ଦୁଃଖ) । ପୁରୁଷାର୍ଥ (ପ୍ରୟୋଜନ, ଯାହା ଭୌତିକ କିମ୍ବା ଦୃଷ୍ଟ) ଦ୍ୱାରା ଏହି ତିନି ପ୍ରକାର ଦୁଃଖର ସାମୟିକ ନିବୃତ୍ତି ସମ୍ଭବ । କିନ୍ତୁ ଦୀର୍ଘକାଳୀନ ନିବୃତ୍ତି ସମ୍ଭବ ନୁହେଁ । ଅତ୍ୟନ୍ତ ପୁରୁଷାର୍ଥ (ଉଭୟ ଭୌତିକ ଏବଂ ଅଲୌକିକ) ଦୁଃଖର ଅତ୍ୟନ୍ତ ନିବୃତ୍ତି କରିଥାଏ । ପ୍ରମାଣକୁଶଳ ଆତ୍ମପୁରୁଷ କହନ୍ତି ଭୌତିକ ସାଧନର ଉପଯୋଗ କେବଳ ଜୀବନ ଜିଇଁବା ପାଇଁ କରିବା ଉଚିତ । ପରମ ସୁଖ କିମ୍ବା ମୁକ୍ତି ପାଇଁ ନୁହେଁ । ଉଭୟ ଦୃଷ୍ଟ ଓ ଅଦୃଷ୍ଟ ସାଧନ ବଳରେ ମୋକ୍ଷ ସମ୍ଭବ ବୋଲି ସାଂଖ୍ୟ ଶାସ୍ତ୍ର କହେ ।

ସ୍ୱଭାବତଃ ଆତ୍ମା ବଦ୍ଧ ନୁହେଁ । କୌଣସି କାରଣ କିମ୍ବା ନିମିତ୍ତରୁ ବନ୍ଧା । କାଳ, ଦେଶ, ଅବସ୍ଥା, କର୍ମ, ପ୍ରକୃତି, ଅବିଦ୍ୟା, ବିଷୟ ଆଦି କାରଣରୁ ଆତ୍ମା ବନ୍ଧନ ଯୁକ୍ତ ହେବାର କଳ୍ପନା କରାଯାଏ । ପରନ୍ତୁ ସାଂଖ୍ୟ ଦର୍ଶନ ଏହାକୁ ଖଣ୍ଡନ କରେ । ଆତ୍ମା ମୂଳତଃ ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ, ଅସଙ୍ଗ, ତଥା ନିର୍ଲିପ୍ତ ଅଟେ । କାଳ ଓ ଦେଶ (ଆକାଶ) ନିତ୍ୟ, ସର୍ବବ୍ୟାପୀ ଏବଂ ସର୍ବସମ୍ବନ୍ଧିତ ଅଟନ୍ତି । ଅବସ୍ଥା (ବାଲ୍ୟାବସ୍ଥା, କୈଶୋରାବସ୍ଥା, ଯୌବନାବସ୍ଥା, ବୃଦ୍ଧାବସ୍ଥା) ଓ କର୍ମ ଯଥାକ୍ରମେ ଶରୀର ଓ ଇନ୍ଦ୍ରିୟର ଧର୍ମ ଅଟେ । ଜୀବାତ୍ମାର ନୁହେଁ । ପ୍ରକୃତି ଜଡ଼ ଓ ପରତନ୍ତ୍ର । ଈଶ୍ୱରଙ୍କ ଆୟତ୍ତାଧୀନ । ଅବିଦ୍ୟା ଅର୍ଥାତ ବିଦ୍ୟାର ଅଭାବ । ଏହା ଅଭାବାତ୍ମକ । ଅବସ୍ତୁ, ସତ୍ତାହୀନ, ଅସ୍ତିତ୍ୱହୀନ ଅଟେ । ବିଷୟ ବାହ୍ୟସ୍ଥିତ । ପରନ୍ତୁ ଜୀବାତ୍ମା ଅନ୍ତସ୍ଥିତ । ଜୀବାତ୍ମା ଚେତନ ହେଲେ ମଧ କାହା ସହିତ ମିଶି ନଥାଏ । ସଦୈବ ମୁକ୍ତ ରହେ । ତେଣୁ ଜୀବାତ୍ମାକୁ ଏସମସ୍ତ ବାନ୍ଧିବାରେ ସମର୍ଥ ନୁହନ୍ତି । ସମ୍ପୂର୍ଣ୍ଣ ଅସମର୍ଥ ।

ତେବେ, ଆତ୍ମା ବନ୍ଧନକୁ ପ୍ରାପ୍ତ ହୁଏ କାହିଁକି ? ଏହାର ଅସଲ କାରଣ କଣ ? ସାଂଖ୍ୟ ଦର୍ଶନ ଅନୁସାରେ ଅବିବେକ ହିଁ ଆତ୍ମାର ବନ୍ଧନରେ ମୂଳ ଏବଂ ଏକମାତ୍ର କାରଣ । ଅବିବେକ ଅର୍ଥାତ ମିଥ୍ୟା ଜ୍ଞାନ । ପ୍ରକୃତି ଓ ପୁରୁଷର ଯୋଗ କେବଳ ଅବିବେକ (ମିଥ୍ୟାଜ୍ଞାନ) ଯୋଗୁଁ ହୋଇଥାଏ । ଅବିବେକ ଅପସରି ଗଲେ ବିବେକ ଉଦୟ ହୁଏ । ବିବେକରୁ ବୈରାଗ୍ୟ ଓ ବୈରାଗ୍ୟରୁ ମୁକ୍ତି କିମ୍ବା ଅପବର୍ଗ ପ୍ରାପ୍ତ ହୁଏ । ମନ ଭିତରେ ଅବିବେକ ବାସ କରେ । ଆସ୍ଥାନ ଜମାଇଥାଏ । ତତ୍ତ୍ୱଜ୍ଞାନ ଶ୍ରବଣ କିମ୍ବା ମନନ ଦ୍ୱାରା ଅବିବେକ ଦୂର ହୁଏ ନାହିଁ । ଦିଶା ଭ୍ରମିତ ବ୍ୟକ୍ତି ସୂର୍ଯ୍ୟକୁ ନ ଦେଖିବା ପର୍ଯ୍ୟନ୍ତ ଯେମିତି ତାର ଦିଶାଭ୍ରାନ୍ତି ଦୂରୀଭୂତ ହୁଏ ନାହିଁ, ଠିକ ସିମିତି ବିବେକର ସାକ୍ଷାତକାର ନ ହେବା ପର୍ଯ୍ୟନ୍ତ ଅବିବେକ ଦୂର ହୁଏ ନାହିଁ । ପ୍ରକୃତି, ପୁରୁଷ (ଆତ୍ମା, ପରମାତ୍ମା) ଓ ମହତତ୍ତ୍ୱାଦି ଅପ୍ରତ୍ୟକ୍ଷ ସୂକ୍ଷ୍ମ ପଦାର୍ଥ ଅଟନ୍ତି । ସ୍ଥୁଳ ନୁହନ୍ତି । ଏକାଦଶ ଇନ୍ଦ୍ରିୟ (ପାଞ୍ଚ ଜ୍ଞାନେନ୍ଦ୍ରିୟ, ପାଞ୍ଚ କର୍ମେନ୍ଦ୍ରିୟ, ଏକ ଉଭୟେନ୍ଦ୍ରିୟ) ଉପଯୋଗ କରି ବିବେକର ପ୍ରତ୍ୟକ୍ଷ ଅନୁଭୂତି କରିହୁଏ ନାହିଁ ବୋଲି ସୂକ୍ଷ୍ମ ତତ୍ତ୍ୱର ସତ୍ତା ନାହିଁ କହିବା ଠିକ ନୁହେଁ । ଅବିବେକ ଅଟେ । ଯିମିତି ନିଆଁର ଅନୁମାନ ଧୂଆଁରୁ କରିହୁଏ ଠିକ ସେମିତି ସୂକ୍ଷ୍ମ ତତ୍ତ୍ୱର ସତ୍ତା ଅନୁମାନ-ପ୍ରମାଣରୁ କରିବା ଉଚିତ ।

ମହତତ୍ତ୍ୱରୁ ପଞ୍ଚଭୂତ ପର୍ଯ୍ୟନ୍ତ ସମସ୍ତ ନୂଆଁ ପଦାର୍ଥ । ତତ୍ପରବର୍ତ୍ତୀ ସମସ୍ତ ପଦାର୍ଥ ପଞ୍ଚଭୂତର ପରିବର୍ତ୍ତନ ମାତ୍ର । ଏହି ପରିବର୍ତ୍ତନରୁ ଜଗତ ସୃଷ୍ଟ, ଯାହା ଚିରସ୍ଥାୟୀ ନୁହଁ । ପ୍ରଳୟ କାଳରେ ସୃଷ୍ଟି ରହେନି । ବିନାଶକୁ ପ୍ରାପ୍ତ ହୁଏ । ଅପିତୁ ପ୍ରକୃତି ଓ ପୁରୁଷ (ଆତ୍ମା ଏବଂ ପରମାତ୍ମା) ବିନଷ୍ଟ ହୁଅନ୍ତି ନାହିଁ । ତାଙ୍କର କୌଣସି ମୂଳ ନାହିଁ । ଜଗତର ସମସ୍ତ କାର୍ଯ୍ୟ ପଦାର୍ଥର ଆଦି କାରଣ ପ୍ରକୃତି । ପୁରୁଷ ନୁହେଁ । ଜଗତ ଦୃଶ୍ୟମାନ । ଏହା ଅଭାବାତ୍ମକ ନୁହେଁ । ଅତଃ ତାର କାରଣ ପଦାର୍ଥ ପ୍ରକୃତି ମଧ ସତ୍ତାତ୍ମକ । ଭାବରୁପା, ବାସ୍ତବିକ ଅଟେ । ଅଭାବରୁପା ନୁହେଁ ।

କେବଳ ଭୌତିକ କିମ୍ବା କେବଳ ଯଜ୍ଞାଦି ବୈଦିକ କର୍ମରୁ ମୁକ୍ତି ମିଳେ ନାହିଁ । ପ୍ରକୃତି ଓ ପୁରୁଷ ସମ୍ବନ୍ଧୀୟ ତତ୍ତ୍ୱ ଜ୍ଞାନ ବ୍ୟକ୍ତିକୁ ଆତ୍ମଦର୍ଶୀ କରେ । ବିବେକବାନ ବନାଏ । ଜ୍ଞାନ, କର୍ମ ଓ ଉପାସନା ଯୁକ୍ତ ବିବେକବାନ ବ୍ୟକ୍ତିର ଜନ୍ମ-ମୃତ୍ୟୁ ଚକ୍ରରେ ଆବୃତ୍ତି ହୁଏ ନାହିଁ ।

ସାଂଖ୍ୟ ଦର୍ଶନ ଦୁଇ ପ୍ରକାର ମୁକ୍ତି, ଜୀବନ୍ମୁକ୍ତି ଓ ବିଦେହ ମୁକ୍ତି କଥା କୁହେ । ଜୀବନକାଳ ମଧରେ ପ୍ରାପ୍ତ ମୁକ୍ତିକୁ ଜୀବନ୍ମୁକ୍ତି ଓ ମୃତ୍ୟୁ ପରବର୍ତ୍ତୀ ପ୍ରାପ୍ତ ମୋକ୍ଷକୁ ବିଦେହ ମୁକ୍ତି କୁହାଯାଏ । ମୋକ୍ଷକୁ ସାଂଖ୍ୟ ଭାଷାରେ କୈବଲ୍ୟ କିମ୍ବା ଅପବର୍ଗ କୁହାଯାଏ ।

ସମ୍ପୂର୍ଣ୍ଣ ଦର୍ଶନ ଶାସ୍ତ୍ର ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ । ଏହାର ପାଠ, ବୋଧ ଏବଂ ପ୍ରୟୋଗ ତ୍ରିବିଧ ଦୁଃଖର ଅନ୍ତ କରେ । ଅଷ୍ଟାଙ୍ଗ ଯୋଗରୂପୀ ଅଦୃଷ୍ଟ ସାଧନ ଯମ, ନିୟମ (ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ), ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧାନ ଓ ସମାଧିର ଅନୁପାଳନ ମୋକ୍ଷର ମାର୍ଗକୁ ପ୍ରଶସ୍ତ କରିଥାଏ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

# ପରମ ଶାନ୍ତିର ମାର୍ଗ

ମନର ଶାନ୍ତିର ସବୁଠାରୁ ବଡ଼ ଉପାୟ ହେଉଛି । ମନର ତ୍ୟାଗମୂଳକ ବୃତ୍ତି, ତାହାକୁ ଉଜାଗର କରାଯିବା ଉଚିତ । ସର୍ବପ୍ରଥମେ ମନକୁ ତ୍ୟାଗ ଭାବରେ ରଖାଯାଉ, ତାହାକୁ ବାହ୍ୟଜଗତରୁ ଆସୁଥିବା ବାଧାଗୁଡ଼ିକରୁ ରକ୍ଷା କରି ଅନ୍ତହୃଦୟରେ କେନ୍ଦ୍ରିତ କରି ରଖାଯାଉ । ବାହାରକୁ ବୁଲିବାକୁ ଯିବା ପାଇଁ ମନର ଇଚ୍ଛା ହୋଇଥାଏ– ଏପରି ସ୍ଥିତିରେ ତାକୁ ବାନ୍ଧିକରି ଦାୟିତ୍ୱପୂର୍ବକ ନିଜ ନିୟନ୍ତ୍ରଣରେ ରଖାଯିବା ଆବଶ୍ୟକ ।

ଏହା ପରେ ମନକୁ ଦିଶାହୀନ ହେବାକୁ ନ ଦେବା ପାଇଁ ତାକୁ ସର୍ବଦା ସାର୍ଥକ ଓ ଉପଯୋଗୀ କାର୍ଯ୍ୟରେ ଲଗାଯାଉ । ଏହିପରି ଭାବରେ ଆମର ମନ କିପରି ନିରନ୍ତର ଉଦ୍‌ବେଗ ରହିତ ହେଉଛି, ଶାନ୍ତି ଓ ସମୁନ୍ନତି ଦିଗରେ ଅଗ୍ରସର ହେଉଛି, ତାହା ଆମେ ଦେଖି ପାରିବା ।

ମନ ଏକ ବିଶାଳ ସରୋବର ସଦୃଶ, ଯାହାର ସ୍ରୋତ ହେଉଛି– ମନୁଷ୍ୟର ବୃତ୍ତିଗୁଡ଼ିକ । ଯଦି ବୃତ୍ତିଗୁଡ଼ିକୁ ଅଟକାଇ ସେଗୁଡ଼ିକୁ କୌଣସି ଆଦର୍ଶ ଦିଗରେ ଲଗାଯିବ, ତାହାର ଲାଭ ନେଇ ମନର ଗତି ଓ ସ୍ୱରୂପକୁ ନିର୍ଦ୍ଧାରିତ କରାଯିବ, ତାହେଲେ ସଂକଳ୍ପପୂର୍ବକ ମନକୁ ନିୟନ୍ତ୍ରିତ କରିବା ଓ ଆର୍ଥିକ ଶାନ୍ତି ପ୍ରାପ୍ତ ହେବା ଚାହୁଁ ଚାହୁଁ ସହଜ ହୋଇଯିବ । ମନ ଅଶାନ୍ତ ହେବାର ଗୋଟିଏ କାରଣ ହେଲା– ମନର ଅଜ୍ଞାନତା ଓ ତାହା କୌଣସି ପ୍ରକାରେ ନିଜର ଶକ୍ତି ସ୍ରୋତରୁ ବଞ୍ଚିତ ହୋଇଯିବା ।

ମନର ଅନ୍ତରଙ୍ଗ ବୃତ୍ତିକୁ ମନୁଷ୍ୟ ଯେଉଁ ଦିନ ବୁଝିବା ଶିଖିଯିବ, ସେଦିନ ତାକୁ ନିଜର ପ୍ରତ୍ୟେକ ପ୍ରୟୋଜନରେ ସଫଳତା ପ୍ରାପ୍ତ ହେବ ଏବଂ ସେ ନିଃସ୍ପୃହ ହୋଇ ନିଜର କେନ୍ଦ୍ରୀୟ ଲକ୍ଷ୍ୟ ଦିଗରେ ବଢ଼ି ଚାଲିବ । ପ୍ରକାଶର ସୂର୍ଯ୍ୟ ହିଁ ତା'ର ଶାନ୍ତି, ସଦ୍‌ଗତି ଓ ପ୍ରେରଣାର କାରଣ ଏବଂ ଏହି ପ୍ରକାଶ ଅନ୍ୟ କିଛି ନୁହେଁ, ତାହା ମନର ଆତ୍ମା ସହିତ ସମ୍ମିଳନ ଅଟେ ।

ଏହା ପରେ ତା'ର ସତ୍ୟ ପ୍ରତି ବିମୁଖ ହେବାର କୌଣସି କାରଣ ରହେ ନାହିଁ ଏବଂ ସେ ବିଚାରଦର୍ଶୀ ସାଜି ସମଗ୍ରତାରେ ସତ୍ୟର ବୋଧ ପ୍ରାପ୍ତ କରିଥାଏ ତଥା ନିଜ ଭିତରର ଦିବ୍ୟତାକୁ ଉଜାଗର କରିବାରେ ତାକୁ କୌଣସି ପ୍ରକାରର କଠିନତା ହୁଏ ନାହିଁ । ସେ ନିଃସ୍ପୃହ, ଏକାକୀ ହୋଇ ନିଜକୁ ସବୁ ଦୃଷ୍ଟିରୁ ଉନ୍ନତ ଓ ସମର୍ଥ କରିଚାଲେ ।

ମନର ତରଙ୍ଗକୁ ନିଜ ବଶରେ କରିନେବା ହିଁ ଶାନ୍ତିର ଉପାୟ ତଥା ଯେଉଁ ମନରେ ନିଜ ନିଗ୍ରହର କ୍ଷମତା ଆସିଯାଏ, ତାହା ଆଉ ଦୁଃଖ-ଦ୍ୱନ୍ଦ ଗୁଡ଼ିକରେ ପଡ଼ି ନିଜର କ୍ଷମତାଗୁଡ଼ିକ ପ୍ରତି ବିମୁଖ ହୁଏ ନାହିଁ । ମନ ଉପରେ ପଡୁଥିବା କୁପ୍ରଭାବଗୁଡ଼ିକୁ ଯେଉଁ ଦିନ ଆମେ ସଦ୍‌ବିଚାର ରୂପୀ ଅଗ୍ନି ଦ୍ୱାରା ସମାପ୍ତ କରିବା ଶିଖିଯିବା ତଥା ଅନ୍ତରାତ୍ମାର ଗଭୀର ପ୍ରେରଣାରେ କ୍ରିୟାଶୀଳ ହେବା, ସେହି ଦିନ ଆମକୁ ବାସ୍ତବତାର ପଥ ଏବଂ ସତ୍ୟ ବିଷୟ ଅନ୍ୱେଷଣର ପଥ ଦେଖାଯିବ ।

ଯେତେବେଳେ ମନ କୌଣସି ବିଷୟବସ୍ତୁ ସହ ଯାଇ ଧକ୍କା ଖାଏ, ସେତେବେଳେ ସେ ନିଜର ମୂଳ ପ୍ରୟୋଜନକୁ ଭୁଲିଯାଏ ଏବଂ ତାକୁ ଅନ୍ତର୍ମନର ଗଭୀରତାରୁ ଆସୁଥିବା ସତ୍ୟର ସ୍ୱର ଶୁଣାଯାଏ ନାହିଁ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

## ଆଜିର ଚିନ୍ତନ

ଜୀବନର ଚାରି ଆଶ୍ରମ ମଧରୁ ଗୃହସ୍ଥାଶ୍ରମ ସର୍ବଶ୍ରେଷ୍ଠ ଅଟେ । ବର ଓ କନ୍ୟାଙ୍କ ବିବାହ ପରେ ଗୃହସ୍ଥାଶ୍ରମ ଆରମ୍ଭ ହୁଏ । ଦାମ୍ପତ୍ୟ ଜୀବନରେ ପତି ଓ ପତ୍ନୀ ଯେତିକି ଏକତ୍ତର ଅନୁଭବ ହେବ ଏବଂ ଆତ୍ମ ସମର୍ପଣ ଭାବନା ଜାଗ୍ରତ ହେବ ସେ ଦୁହିଁଙ୍କ ଜୀବନ ସେତିକି ସୁଖମୟ ହେବ । ସେଥିପାଇଁ ବର କନ୍ୟା ବିବାହ ବେଦୀରେ ସମ ଜନ୍ତୁ ବିଶ୍ୱ ଦେବା ବୈଦିକ ମନ୍ତ୍ରରେ ଘୋଷଣା କରନ୍ତି- 'ଜଳ ଭଳି ଆମ ଦୁହିଁଙ୍କ ହୃଦୟ ସମାନ ଓ ଶୀତଳ ରହୁ । ପ୍ରାଣବାୟୁ ଗୁରୁ ଓ ଈଶ୍ୱର ଯେପରି ସମସ୍ତଙ୍କର ପ୍ରିୟ ଆମେ ଉଭୟେ ସେହିଭଳି ପରସ୍ପର ପ୍ରିୟ ହୋଇ ଚଳିବୁ ।' ଗୃହସ୍ଥ ଧର୍ମର ଏହି ଘୋଷଣା ସର୍ବୋତ୍ତମ ମାର୍ଗ ଦର୍ଶନ ଅଟେ । ବିବାହ ବେଦୀରେ ବର ଓ କନ୍ୟା ଉଭୟେ ଉଭୟଙ୍କୁ ପୁଷ୍ପମାଲ୍ୟ ପିନ୍ଧାଇ ପରସ୍ପରକୁ ଆଜୀବନ ବରଣ କରନ୍ତି । ପତି, ପତ୍ନୀଙ୍କର ସମସ୍ତ ସଂରକ୍ଷଣ ଦାୟିତ୍ୱ ଗ୍ରହଣ କରନ୍ତି । ବିବାହ ପରେ ପତି ଓ ପତ୍ନୀଙ୍କ ଉପରେ ପରିବାରର ଉତ୍ତର ଦାୟିତ୍ୱ ନ୍ୟସ୍ତ ହୁଏ । ପତିଙ୍କ ପାଇଁ ପିତାମାତା ଓ ପତ୍ନୀଙ୍କ ପାଇଁ ଶାଶୁ ଶ୍ୱଶୁର ଚଳନ୍ତି ଦେବତା ଅଟନ୍ତି । ତେଣୁ ପତି ପତ୍ନୀ ଏମାନଙ୍କୁ ଶ୍ରଦ୍ଧାର ସହ ସେବା ସତ୍କାର କରିବା ଉଚିତ । ଏହି ଗୃହସ୍ଥ ଧର୍ମ ପାଳନ ଦ୍ୱାରା ସ୍ୱାମୀ ଓ ସ୍ତ୍ରୀ ଭୌତିକ ତଥା ଆଧାତ୍ମିକ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥାନ୍ତି । ପତ୍ନୀ, ପତିଙ୍କର ଆଜୀବନ ସହ ଭାଗିନୀ ହେତୁ ପରସ୍ପର ସୁଖଦୁଃଖରେ ସମାନ ଭାବେ ଅଂଶୀଦାର । ଗୃହର ମୁଖ୍ୟ ପତ୍ନୀ । ପତ୍ନୀ ହିଁ ଗୃହ । ବେଦ କହନ୍ତି ପତ୍ନୀ ଗୃହ ସାମ୍ରାଜ୍ଞୀ ଅଟନ୍ତି । ଗୃହଲକ୍ଷ୍ମୀ ପତ୍ନୀ ପ୍ରସନ୍ନ ରହିଲେ ଗୃହର ଶ୍ରୀ ବୃଦ୍ଧି ହୁଏ । ଗୃହସ୍ଥ ଧର୍ମରେ ସନ୍ତାନ ସନ୍ତତିଙ୍କ ପ୍ରତି ଠିକ୍ କର୍ତ୍ତବ୍ୟ ପାଳନ କରିବା ସହ ଅନ୍ୟାନ୍ୟ ପରିଜନଙ୍କ ପ୍ରତି ସ୍ନେହ ସମ୍ମାନ ପ୍ରଦର୍ଶନ କରିବା ଉଚିତ । ଗୃହିଣୀଙ୍କ କର ସ୍ପର୍ଶରେ ଘରର ସମସ୍ତ ପଦାର୍ଥ ସ୍ୱର୍ଗ ସମ ସୁଖଦାୟକ ହୋଇଥାଏ । ଗୃହଲକ୍ଷ୍ମୀ ଏଥପ୍ରତି ପୂର୍ଣ୍ଣ ସଚେତନ ରହିବା ଆବଶ୍ୟକ । ଗୃହସ୍ଥ ଧର୍ମରେ ପତି ପତ୍ନୀ ନିଜର ପରିବାର ତଥା ସମଗ୍ର ବିଶ୍ୱବାସୀଙ୍କ ମଙ୍ଗଳ କାମନା କରି ପ୍ରତିଦିନ ଈଶ୍ୱରଙ୍କୁ ପ୍ରାର୍ଥନା ଉପାସନା କରିବା ଏକ ଶ୍ରେଷ୍ଠ କର୍ତ୍ତବ୍ୟ ଅଟେ । ଗୃହସ୍ଥାଶ୍ରମରେ ଆଧାତ୍ମିକତାକୁ ଅଗ୍ରାଧିକାର ଦେବା ପତି ପତ୍ନୀଙ୍କର ମୁଖ୍ୟ ଦାୟିତ୍ୱ । ଦାମ୍ପତ୍ୟ ଜୀବନ ସମାଜର - କଲ୍ୟାଣ ଲାଗି ଉଦ୍ଦିଷ୍ଟ । ଏହା ସ୍ମରଣ ରଖିବା ଉଚିତ ।

ବର୍ଷ ୭୯, ସଂଖ୍ୟା - ୯, ୨ - ୮ ମାର୍ଚ୍ଚ ୨୦୨୫

## ଶିକ୍ଷିତ - ସଭ୍ୟ ହିଁ ପରିପକ୍ୱତାର ପରିଚାୟକ

ସୃଷ୍ଟିର ଶ୍ରେଷ୍ଠପ୍ରାଣୀ ନଗ୍ନ ଲୋମମୟ ବାନର ଓଅବସ୍ଥାରୁ କ୍ରମଶଃ ମାନବ ରୂପ ଧାରଣ କରିଛି । କଞ୍ଚାମାଂସକୁ ଟାଣି ଓଟାରି ଖାଉଖାଉ ସୁସ୍ୱାଦ ବ୍ୟଞ୍ଜନ ପ୍ରସ୍ତୁତି କରି ନିଜର ତଥା ଅନ୍ୟମାନଙ୍କର ଆତ୍ମତୃପ୍ତି କରିବାରେ ସମସ୍ତ କୌଶଳରେ ସେ ସଫଳ । ପତ୍ରକୁଡ଼ିଆ ପରିବର୍ତ୍ତେ ରାଜମହଲରେ ଗଜଦନ୍ତ ପଲଙ୍କରେ ସୁଖନିଦ୍ରାରେ ସେ ଘୁଙ୍ଗୁଡ଼ି ମାରୁଛି । ଗଛବକ୍କଳ, ପଶୁଛାଲ ପରିବର୍ତ୍ତେ ରଙ୍ଗବେରଙ୍ଗର ପୋଷାକରେ ଶରୀରକୁ ଆବରଣ କରି ଅନ୍ୟର ଆକର୍ଷଣ ସାଜିଛି । ତା'ର ପରିକଳ୍ପନାର ସାମ୍ରାଜ୍ୟ ଗଠନ ତଥା ପ୍ରତିଷ୍ଠା କରିଛି । ସ୍ୱପ୍ନ ଦେଖିବାକୁ ମନରେ ପରିକଳ୍ପନା କରିଛି । ମାଙ୍କଡ଼ ଭଳି ନଇଁନଇଁ ଡେଇଁଡେଇଁ ଯାତାୟତ କରୁଥିବା ଜୀବ ଆଜି ଅନ୍ୟର ବେକରେ ରସିବାନ୍ଧି ତା'କୁ ନଚେଇବାର ଆନନ୍ଦ ନେଉଛି । ଜଳ-ସ୍ଥଳ-ଆକାଶ ସବୁଠି ସେ କାୟା ବିସ୍ତାର କରିଛି । ପ୍ରକୃତିକୁ ଓ ପ୍ରକୃତିରେ ଥିବା ଗଚ୍ଛିତ ପଦାର୍ଥକୁ ତା' ଇଚ୍ଛାନୁସାରେ ବ୍ୟବହାର କରିଛି । ଆକାଶ ମାର୍ଗରେ ପକ୍ଷୀଙ୍କ ପରି ଉଡ଼ିବା ଠୁ ଆରମ୍ଭ କରି ମୀନ ଭଳି ସାଗରର ଅତଳ ଗର୍ଭରେ ପହଁରିବା ଯାଏ ସବୁ କିଛି କୌଶଳ ହାସଲ କରିଛି । କ୍ଲୋନିଂ ମାଧ୍ୟମରେ ନିଜର ଅବିକଳ ସୃଷ୍ଟି କରିବାରେ କୌଣସି ଅସୁବିଧା ହୋଇନାହିଁ । ବୁର୍ଜୁଖଲିପା ଭଳି ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଶ୍ୱ ପ୍ରସିଦ୍ଧ ଗ୍ରାଫେଲ ଟାୱାର ତା' ଚମତ୍କାରିତାର ଶ୍ରେଷ୍ଠ ନିଦର୍ଶନ । ଜହ୍ନରାଇଜରେ ଘର ପୁଣି ସମୁଦ୍ରତଳେ ସହର ଗଢ଼ିବାକୁ ତା'ର ଆଗାମୀ କାଲିର ଯୋଜନା । ଜଗତୀକରଣ ମାଧ୍ୟମରେ ଦେଶକୁ ଦେଶ ସହ ଯୋଡ଼ି କଳାସଂସ୍କୃତି, ସାହିତ୍ୟ, ଖାଦ୍ୟପୋଷାକ ପରିଧାନ ଆଦିର ଅଦଳ ବଦଳ କରିଛି । ପରମାଣୁ ବୋମା ଆକ୍ରମଣକୁ ମଜବୁତ୍ କରିବା ପାଇଁ ସେ ଆଣବିକ ଶକ୍ତିକୁ ବେଶ୍ ଗୁରୁତ୍ୱ ଦେଇଛି । ବିଜ୍ଞାନ ବଳରେ ବଳୀୟାନ ହୋଇ ରାତିର ଅନ୍ଧାରକୁ ଦୂରେଇ ଗାଁଗଣ୍ଡା, ସହରବଜାର, ଖେଳପଡ଼ିଆ ସବୁ ଆଲୋକିତ କରୁଛି । ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରତିଷ୍ଠା ହୋଇଛି ଭିନ୍ନଭିନ୍ନ ଗବେଷଣା କେନ୍ଦ୍ର । ମହାବଳ ବାଘଠୁ ଆରମ୍ଭ କରି ବିଷଧର ସାପ, ବିଭିନ୍ନ ପ୍ରଜାତିର ପଶୁପକ୍ଷୀଙ୍କୁ ନେଇ ଖୋଲିଛି ଚିଡ଼ିଆଖାନା । ମୃତ୍ୟୁଞ୍ଜୟ ହେବାକୁ ତାର ମନ ବଳିଛି । ସେଥିପାଇଁ କୁକୁର, ମାଙ୍କଡ଼, ଘୁଷୁରୀକୁ ବ୍ୟବହାର କରିଛି ତା' ପରୀକ୍ଷଣରେ । ନକଲି ହୃତ୍‌ପିଣ୍ଡ ରୋପଣ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଆମେ ସମସ୍ତେ ଆତ୍ମବିଭୋର ମାନବ ଜାତିର ଏହି କ୍ରମାଗତ ପ୍ରଗତି ପାଇଁ । ଲାଗୁଛି ଯେମିତି ଆମେ ସମସ୍ତେ ଶ୍ରେଷ୍ଠ । ନିଜ ଶିଙ୍ଗରେ ମାଟି ତାଡ଼ି ପାରିଥିବାରୁ ନିଜକୁ ବଳୀୟାନ ଭାବିବାରେ କୌଣସି ଦ୍ୱନ୍ଦ ଉପୁଜୁ ନାହିଁ । ତା' ବିକାଶରେ କେହି ତାକୁ ବାଧା ସୃଷ୍ଟି କରିବାକୁ ଦୁଃସାହସ କରୁନାହାନ୍ତି । ସେ ନିଜକୁ ଶିକ୍ଷିତ ତଥା ବିକଶିତ କହି ଆତ୍ମଭିମାନ କରୁଛି । କିନ୍ତୁ ତା' ପରିଭାଷା ଦିନକୁ ଦିନ ପରିବର୍ତ୍ତିତ ହେବାରେ ଲାଗିଛି । ତା' ଉଚ୍ଚାରଣ ଓ ଆଚରଣରେ ଘଟିଛି ଅନେକ ପରିବର୍ତ୍ତନ । ସେ ଯେତିକି ବିକଶିତ ହେଉଛି ସେତିକି ମାନବୀୟ ମହତତ୍ତ୍ୱକୁ ପାସୋରି ପାସୋରି ଯାଉଛି । ବିକାଶ ଓ ବିଳାସରେ ଅନ୍ଧ ହୋଇ ପାଶବିକତାକୁ ପ୍ରଦର୍ଶନ କରିବାରେ ତା'ର ତିଳେମାତ୍ର ଭୟ ନାହିଁ । ମଣିଷର ନୈତିକ ମୂଲ୍ୟବୋଧର କ୍ରମାଗତ ଭାବରେ ଅଧୋପତନ ହେବାରେ ଲାଗିଛି । ଶିକ୍ଷା ଗ୍ରହଣ କରି ଶିକ୍ଷିତ ହୋଇ ଭିନ୍ନଭିନ୍ନ ପଦପଦବୀରେ ଅଧିଷ୍ଠିତ ମଣିଷ କ୍ଷେତ୍ରରେ ଦେଖିବାକୁ ମିଳିଛି ଉଚ୍ଚାରଣ ଓ ଆଚରଣଗତ ସମସ୍ୟା । ଯେଉଁ ବ୍ୟକ୍ତିବିଶେଷ ସଭ୍ୟ ଭାବେ ବଞ୍ଚିବା ପାଇଁ ସମାଜକୁ ଦିଗ୍‌ଦର୍ଶନ ଦେଉଛନ୍ତି, ସେମାନଙ୍କ କ୍ଷେତ୍ରରେ କାହିଁକି ଏ ଅସଭ୍ୟ ଆଚରଣ । ଭାରତ ବର୍ଷରେ ଅନେକ ଘଟଣା ଘଟିଚାଲିଛି । ପ୍ରାପ୍ତବୟସ୍କ ଅଜାର ନାବାଳିକା ନାତୁଣୀ, ବାପର ନିଜ ଜନ୍ମିତ ଝିଅ ସହ, ଜ୍ୱାଇଁର ଶାଶୁମା'ପ୍ରତି, ଶଶୁର ନିଜ ପୁଅର ବୋହୂ ସହ, ଶିକ୍ଷକର ଛାତ୍ରୀ ସହ, ରୋଗୀ ସହ ଡାକ୍ତର ପୁଣି ପୁଲିସ ସହ ମହିଳା ଅଭିଯୋଗକାରୀଙ୍କ ଅଫିସର । ନିକଟରେ ଗୁହାରୀ ଜଣାଇବାକୁ ଆସିଥିବା ମହିଳାଙ୍କ ପ୍ରତି ବ୍ୟଭିଚାର, ଲୋଲୁପ ଦୃଷ୍ଟି ଓ ଅନୈତିକ ସମ୍ପର୍କ ଗାଁଗହଳିରୁ ମୁଖ୍ୟ ସହର ପର୍ଯ୍ୟନ୍ତ ଚାଲିଛି । ଏହା କ"ଣ ଶିକ୍ଷିତ ସଭ୍ୟ ସମାଜ ପାଇଁ ଶୋଭନୀୟ ? ଆମର ବିବର୍ତ୍ତନ ପଶୁତ୍ୱରୁ ମାନବତ୍ୱକୁ ନା ମାନବତ୍ୱରୁ ପଶୁତ୍ୱକୁ ? ଯଦି ଯୌନତୃପ୍ତି ପାଇଁ କେବଳ ବଳାତ୍କାର ଓ ଯୌନଶୋଷଣ ଉପଯୁକ୍ତ ମାଧ୍ୟମ ତେବେ ନିଜକୁ ଅସଭ୍ୟ କହିବାରେ କୌଣସି ସଙ୍କୋଚର ବି ଆବଶ୍ୟକତା ନାହିଁ । ଶିକ୍ଷା ଆମକୁ ସଭ୍ୟ କରେ, ପରିମାର୍ଜିତ କରେ ଏବଂ ଚେତନାର ଅଭିବୃଦ୍ଧି କରି ବିବେକବନ୍ତ କରିବା ସହ ଅଜ୍ଞାନତା ଦୂର କରେ । କିନ୍ତୁ ଆଜିକାଲି ସବୁକ୍ଷେତ୍ରରେ ଦେଖିବାକୁ ମିଳୁଛି ଅସଭ୍ୟତା । ବିଶେଷକରି ଯୁବସମାଜର ଚାଲିଚଳଣ, କଥାବାର୍ତ୍ତା ଓ ଆଚାର ବ୍ୟବହାର ଦେଖି ଶିକ୍ଷିତ ସମାଜକୁ କ'ଣ କହି ସମ୍ବୋଧନ କରାଯିବ ତା'ର କୌଣସି ଉପମା ନାହିଁ । ଯୁବପିଢ଼ିର ରଙ୍ଗଢଙ୍ଗ ଦେଖି ଲାଗୁଛି ଭବିଷ୍ୟତ ଓ ସ୍ୱପ୍ନକୁ ଯେମିତି ଅସଭ୍ୟତାର କାଳ ଗ୍ରାସ କରିଚାଲିଛି । ଶିକ୍ଷା ମଣିଷକୁ ସଭ୍ୟ କରେ, ସଂସ୍କାରୀ କରେ, ଭଦ୍ର ତଥା ମାନବିକତା ଉଦ୍ରେକ୍ କରେ । ବ୍ୟକ୍ତିର ଉଚ୍ଚାରଣ ଓ ଆଚରଣକୁ ମାର୍ଜିତ କରେ । କୁସଂସ୍କାର, ଅଜ୍ଞାନତା ଓ ଅନ୍ଧବିଶ୍ୱାସକୁ ଦୂରକରି ଚିନ୍ତାଶୀଳ ପ୍ରାଣୀଭାବେ ପରିଚିତ କରେ । ଭଲ ଶିକ୍ଷାନୁଷ୍ଠାନରୁ ଡିଗ୍ରୀ ଧାରଣର ପ୍ରମାଣପତ୍ର ହାତେଇ ଆତ୍ମନିଯୁକ୍ତି ପାଇବା ଲକ୍ଷ୍ୟରେ ସମସ୍ତେ ବ୍ୟସ୍ତ । ଆତ୍ମନିଯୁକ୍ତି ପରେ ସମାଜରେ ତା' ପରିଚୟ ହୁଏ ସଫଳ ମଣିଷ ଭାବେ । ସେହି ମଣିଷକୁ ଅନେକେ ଅନୁକରଣ କରନ୍ତି, ସମ୍ମାନ କରନ୍ତି । କିନ୍ତୁ ସମୟକ୍ରମେ ତାଙ୍କର ଉଚ୍ଚାରଣ ଓ ଆଚରଣରେ ଯେଉଁ ତ୍ରୁଟି ପରିଲକ୍ଷିତ ହୁଏ, ତାହା ଅତ୍ୟନ୍ତ ଅଶୋଭନୀୟ । ସମାଜ ବ୍ୟକ୍ତିବିଶେଷଙ୍କ ବାସସ୍ଥାନ । ସେ ସର୍ବଦା ଅନ୍ୟମାନଙ୍କ ନିକଟରୁ ପ୍ରେମ-ଦୟା-ବିନୟ ସହ ପରିମାର୍ଜିତ ବ୍ୟବହାର ଆଶା କରେ । ମଣିଷର ବ୍ୟକ୍ତିଗତ ମନମୁଖି ଆଚରଣ ପ୍ରଦର୍ଶନ ସଭ୍ୟତାର ମାନଦଣ୍ଡ ନୁହେଁ । ଶିକ୍ଷିତ-ଅସଭ୍ୟ ସମାଜର କଳଙ୍କ ଶିକ୍ଷା ସହ ସଭ୍ୟ ଆଚରଣ ହିଁ ପରିପକ୍ୱତାର ପରିଚୟ ।



## କୃଷକ ମାନେ

**ମହାତ୍ମା ଗାନ୍ଧୀ**

ମୁଁ ଜମିଦାରମାନଙ୍କୁ ଧ୍ୱଂସ କରିଦେବାକୁ ଇଚ୍ଛା କରୁନାହିଁ ସତ, ମାତ୍ର ମୁଁ ତାକୁ ଅନିବାର୍ଯ୍ୟ ବୋଲି ମଧ ଆଦୌ ଅନୁଭବ କରୁନାହିଁ । ମୁଁ ଜମିଦାତାମାନଙ୍କର ଓ ଅନ୍ୟାନ୍ୟ ପୁଞ୍ଜିବାଦୀମାନଙ୍କର ଅହିଂସାଦ୍ୱାରା ହୃଦୟ ପରିବର୍ତ୍ତନ କରିବାକୁ ପ୍ରତ୍ୟାଶ୍ୟା ରଖିଛି । ତେଣୁ, ଶ୍ରେଣୀ ସଂଘର୍ଷର ଅନିବାର୍ଯ୍ୟତା ବୋଲି କିଛି ପ୍ରକୃତରେ ରହିଛି ବୋଲି ମୁଁ ଆଦୌ ଗ୍ରହଣ କରି ପାରୁ ନାହିଁ । କାରଣ, ଯେଉଁ ବାଟରେ ଗଲେ ସବୁଠାରୁ କମ୍ ପ୍ରତିରୋଧ ହେବ, ସେହି ବାଟରେ ଯିବାକୁ ଅହିଂସାର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଂଶ ବୋଲି ଗ୍ରହଣ କରାଯାଇଛି । ଯେଉଁ ମୁହୂର୍ତ୍ତରେ ଭୂମିର ଚାଷ କରୁଥିବା ଲୋକମାନେ ଆପଣାର ଶକ୍ତି ବିଷୟରେ ସଚେତନ ହେବ, ସେହି ମୁହୂର୍ତ୍ତରେ ହିଁ ଜମିଦାରୀ ନାମକ ଅମଙ୍ଗଳର ଅନ୍ତ ହେବ । ଆପଣାଲାଗି ଯଥେଷ୍ଟ ଅନ୍ନ, ବସ୍ତ୍ର ଓ ଆପଣାର ପିଲାମାନଙ୍କର ଉଚିତ ଶିକ୍ଷା ନିମନ୍ତେ ଯଥେଷ୍ଟ ପଇସା ନ ପାଇଲେ ସେମାନେ କଦାପି ଜମିରେ କାମ କରିବେ ନାହିଁ ବୋଲି ଯେତେବେଳେ କହିବେ, ବିଚରା ଜମିଦାର ସେତେବେଳେ କ'ଣ କରିପାରିବ ? ବାସ୍ତବ କ୍ଷେତ୍ରରେ କାମ କରୁଥିବା ଲୋକ କ୍ଷେତରୁ ଯାହାକିଛି ଫଳାଉଛି, ତା' ଉପରେ ତାହାର ହିଁ ଅଧିକାର ରହିଛି । ଏହି ଲୋକମାନେ ବୁଦ୍ଧିମତ୍ତା ସହିତ ଏକଜୁଟ ହୋଇ ପାରିଲେ, ସେମାନେ ଏପରି ଶକ୍ତିଶାଳୀ ହୋଇ ପାରିବେ ଯେ କେହି ସେମାନଙ୍କର ପ୍ରତିରୋଧ କରି ପାରିବ ନାହିଁ । ଏହିପରି ଭାବରେ ମୁଁ ଶ୍ରେଣୀ ସଂଗ୍ରାମର ଆଦୌ କୌଣସି ଆବଶ୍ୟକତା ରହିଥିବାର ଦେଖି ପାରୁ ନାହିଁ । ଯଦି ମୁଁ ଶ୍ରେଣୀ ସଂଗ୍ରାମକୁ ଅନିବାର୍ଯ୍ୟ ବୋଲି ଭାବୁଥାନ୍ତି, ତେବେ ତାହାର ପ୍ରଚାର କରିବାକୁ ତଥା ସେଥି ଲାଗି ଶିକ୍ଷା ଦେବାକୁ କଦାପି କୁଣ୍ଠିତ ହୁଅନ୍ତି ନାହିଁ ।

ଜଣେ ହଟଲରର ଶକ୍ତି ହାସଲ କରିବାକୁ ମୁଁ ଆଦେ ଇଚ୍ଛା କରୁନାହିଁ । ମୁଁ ଜଣେ ସ୍ୱାଧୀନ କୃଷକର କ୍ଷମତା ହାସଲ କରିବାକୁ ଚାହୁଁଛି । ବିଗତ ଏହି କେତେବର୍ଷ ହେଲା ମୁଁ ଆପଣାକୁ କୃଷକମାନଙ୍କ ସହିତ ଏକାତ୍ମ ହୋଇ ରହିବାକୁ ଚେଷ୍ଟା କରି ଆସିଛି, ମାତ୍ର ତାହା କରିବାରେ ସଫଳ ହୋଇପାରି ନାହିଁ । ଆଜି ଜଣେ କୃଷକ ଏବଂ ମୋ' ଭିତରେ ଏହି ପାର୍ଥକ୍ୟ ରହିଛି ଯେ, ଜଣେ କୃଷକ ନିଜେ ଇଚ୍ଛା କରି କୃଷକ ହୋଇନାହିଁ ବା ଶ୍ରମଦ୍ୱାରା ଜୀବିକା ନିର୍ବାହ କରୁନାହିଁ, ସେ ପରିସ୍ଥିତି ଦ୍ୱାରା ବାଧ ହୋଇ ତାହା କରୁଛି । ମୁଁ ଇଚ୍ଛା କରି ଜଣେ କୃଷକ ହେବାକୁ ଓ ଶ୍ରମଦ୍ୱାରା ଜୀବିକା ନିର୍ବାହ କରିବାକୁ ଇଚ୍ଛା କରୁଛି ଏବ ଯେତେବେଳେ ମୁଁ କୃଷକକୁ ମଧ ଇଚ୍ଛା କରି ଜଣେ କୃଷକ ତଥା ଜଣେ ଶ୍ରମଜୀବୀରେ ପରିଣତ କରାଇ ପାରିବ, ତେବେ, ତାକୁ ବର୍ତ୍ତମାନ ବାନ୍ଧି ରଖିଥିବା ବେଡିକୁ କାଢ଼ି ଫିଙ୍ଗି ଦେବା ପାଇଁ ମଧ ସମର୍ଥ କରି ପାରିବ । ଯେପରିକି ସେତେବେଳେ ସିଏ ଆଉ ନିଜ ମାଲିକର ଆଦେଶ ପାଳନ କରିବାକୁ କଦାପି ବାଧ ହେବ ନାହିଁ ।

ଜଣେ କୃଷକ ବା ଜଣେ ଚାଷୀ, ସେ ଜଣେ ଭୂମିହୀନ ଶ୍ରମଜୀବୀ ହୋଇଥାଉ ଅଥବା ନିଜ ଜମିରେ କୃଷିକାର୍ଯ୍ୟ କରୁଥାଉ, ତାହାରି କଥା ହିଁ ସର୍ବପ୍ରଥମେ ବିଚାରକୁ ନିଆଯିବ । ସିଏ ହେଉଛି ଏହି ଭୂମିର ଅସଲ ତତ୍ତ୍ୱ ଏବଂ ନ୍ୟାୟର ଦୃଷ୍ଟିରୁ ଏହି ଜମି ହେଉଛି ତାହାରି ଅଥବା ତାହାରି ହୋଇ ରହିବା ଉଚିତ, ଜମିଦାର ଅଥବା ଅନ୍ୟ କେଉଁଠି ଯାଇ ରହୁଥିବା ଜମିମାଲିକର ଆଦୌ ନୁହେଁ । ମାତ୍ର, ଅହିଂସା ମାର୍ଗରେ ବିଧାନ ଅନୁସାରେ କୃଷିଜୀବୀ ଅନୁପସ୍ଥିତ ଜମିମାଲିକକୁ କଦାପି ବଳପୂର୍ବକ ତଡ଼ିଦେଇ ପାରିବ ନାହିଁ । ସେ ଏପରି କାର୍ଯ୍ୟ କରିବ, ଯେପରିକି ଭୂମିମାଲିକ ପକ୍ଷରେ ତାକୁ ଶୋଷଣ କରିବା କଦାପି ସମ୍ଭବ ହେବ ନାହିଁ ।

କୃଷକମାନଙ୍କ ମଧରେ ଘନିଷ୍ଠତମ ସହଯୋଗ ରହିବା ଏକାନ୍ତ ଆବଶ୍ୟକ । ସେଥି ନିମନ୍ତେ ବିଶେଷ ପ୍ରକାରର ସଂଗଠନକାରୀ ସଂସ୍ଥାମାନେ ବା ସମିତିମାନେ ସ୍ଥାପିତ ହେବା ଉଚିତ, ବର୍ତ୍ତମାନ ସେଭଳି ସଂସ୍ଥା ଆଦୌ କେଉଁଠି ହେଲେ ନାହିଁ । ଅଥବା ଯେଉଁଠାରେ ଅଛି, ସେଗୁଡିକର ଆବଶ୍ୟକ ସଂସ୍କାରମାନ ହେବା ଉଚିତ ।

ଅଧିକାଂଶ କୃଷକ ହେଉଛନ୍ତି ନିରକ୍ଷର । ସେମାନଙ୍କ ମଧରୁ ବୟସ୍କ ଏବଂ ସ୍କୁଲ ଯିବା ବୟସର ସାନମାନଙ୍କୁ ଶିକ୍ଷା ଦିଆଯିବା ଉଚିତ । ପୁରୁଷ ଏବଂ ସ୍ତ୍ରୀ ଉଭୟେ ଏହି ଶିକ୍ଷା ଲାଭ କରିବେ । ଯଦି ସେମାନେ ଭୂମିହୀନ ଭାବରେ ଜମିରେ କାର୍ଯ୍ୟ କରୁଥିବେ, ତେବେ ସେମାନେ ପାଉଥିବା ମଜୁରୀକୁ ବଢ଼ାଇ ଏପରି ଏକ ସ୍ତରକୁ ଆଣିବାକୁ ହେବ, ଯାହାଦ୍ୱାରା କି ସେମାନେ ଏକ ସୁନ୍ଦର ଜୀବନ ଯାପନ କରି ପାରିବେ, ଅର୍ଥାତ୍ ସନ୍ତୁଳିତ ଆହାର ପାଇବେ, ରହିବା ଲାଗି ଘର ପାଇବେ, ପିନ୍ଧିବାକୁ ବସ୍ତ୍ର ପାଇବେ ଏବଂ ଏସବୁ ସେମାନଙ୍କର ସ୍ୱାସ୍ଥ୍ୟଗତ ଆବଶ୍ୟକତାକୁ ମେଣ୍ଟାଇ ପାରୁଥିବ ।

## ଶରୀର ପାଇଁ ବହୁ ଲାଭଦାୟକ କନ୍ଦମୂଳ

କନ୍ଦମୂଳକୁ ସୁଇଟ୍ ପଟାଟୋ ବା ମିଠା ଆଳୁ ବି କୁହାଯାଏ । ବହୁଲୋକ ଏହାକୁ ଆଳୁ ସହିତ ତୁଳନା କରିଥାନ୍ତି । କନ୍ଦମୂଳକୁ ତରକାରୀ ତଥା ସିଝାଇ ଓ ପୋଡି ଖାଇବାକୁ ଲୋକ ପସନ୍ଦ କରୁଥିଲେ ହେଁ, ଏଥିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ଭରି ରହିଛି । ଯାହାକି, ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ।

ଅଧିକ ଭିଟାମିନ୍: କନ୍ଦମୂଳରେ ଭିଟାମିନ୍ ଏ' କ୍ୟାଲସିୟମ, ଫସଫରସ, ସୋଡିୟମ୍, ଆଇରନ ଭରପୁର ମାତ୍ରାରେ ରହିବା ସହିତ ଭିଟାମିନ୍ ସି' ଅଳ୍ପମାତ୍ରାରେ ମିଳିଥାଏ । କନ୍ଦମୂଳ ଖାଇବାକୁ ଖୁବ୍ ମିଠା । ଏହାକୁ ଖାଇବା ଫଳରେ ରକ୍ତ ବଢ଼ିଥାଏ ।

ଆଣ୍ଟି ଅକ୍ସିଡାଣ୍ଟ: କନ୍ଦମୂଳ ଖାଦ୍ୟରେ କ୍ୟାଲୋରି ଓ ଷ୍ଟାର୍ଚ୍ଚ ମାତ୍ରା ରହିଛି । କନ୍ଦମୂଳରେ ସେଚୁରେଟେଡ ଫ୍ୟାଟ୍ ଓ କୋଲେଷ୍ଟ୍ରଲ ଆଦୌ ରହି ନ ଥାଏ । ଏହି ଖାଦ୍ୟରେ ଫାଇବର, ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ୍ ଓ ମିନେରାଲ ସମୃଦ୍ଧ ସ୍ରୋତ ରହିଥାଏ ।

ପଦର ରୋଗ: କନ୍ଦମୂଳରେ ପଦର ରୋଗ ପାଇଁ ଫଳପ୍ରଦ । ପଦର ରୋଗ ପାଇଁ କନ୍ଦମୂଳକୁ ଖଣ୍ଡ ଖଣ୍ଡ କାଟି ଏହାକୁ ଖରାରେ ଶୁଖାଇ ଚୂର୍ଣ୍ଣ କରି ଏକ ଏୟାର ଟାଇଟ୍ ଡବାରେ ସାଇତି ରଖନ୍ତୁ । ଏହାର ୫-୬ ଗ୍ରାମ ଚୂର୍ଣ୍ଣକୁ ତାଜା ପାଣିରେ ଓ ମହୁ ମିଶାଇ ନିୟମିତ ଖାଆନ୍ତୁ । ଖୁବ୍ ଲାଭଦାୟକ ।

ହୃଦ୍ ରୋଗ: ଏଥିରେ ଭିଟାମିନ୍ ବି-୬ ଭରପୁର ମାତ୍ରାରେ ରହିଥାଏ, ଯାହା ଫଳରେ ହୋମୋସିଷ୍ଟିନ୍ କେମିକଲ ସ୍ତର କମ କରିବାରେ ସହାୟକ ହୋଇଥାଏ । ଏହା ଦ୍ୱାରା ହୃଦୟ ସୁସ୍ଥ ରହେ ଓ ହୃଦୟ ରୋଗ ସମ୍ଭାବନାକୁ କମ୍ କରିଥାଏ ।

ଭିଟାମିନ୍ ଡି'ରେ ଭରପୁର: ଭିଟାମିନ୍ ଡି'



ଥାଇରଏଡ୍ ଗ୍ରନ୍ଥି, ଦାନ୍ତ, ଅସ୍ଥି, ନାକ ଓ ତ୍ୱଚାକୁ ସୁସ୍ଥ ରଖିବାରେ ବହୁତ ଆବଶ୍ୟକ ହୋଇଥାଏ । କନ୍ଦମୂଳରେ ଭିଟାମିନ୍ ଡି' ପ୍ରଚୁର ପରିମାଣ ରହିଥାଏ । ଏଥିପାଇଁ ଏହା ଶରୀର ପୋଷଣ ପାଇଁ ଉତ୍ତମ ରହିଥାଏ ।

ପ୍ରତିରୋଧକ କ୍ଷମତା ବଢ଼ିଥାଏ: ଆଇରନ ଶରୀରରେ ଶକ୍ତି ସ୍ତର ବଜାୟ ରଖିଥାଏ ଓ କନ୍ଦମୂଳରେ ଆଇରନ ଭରପୁର ମାତ୍ରାରେ ରହିଥାଏ । ଏଥିପାଇଁ ଶରୀରରେ ପ୍ରତିରୋଧକ କ୍ଷମତାକୁ ବଢ଼ିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ, କନ୍ଦମୂଳ ଧଳା ଓ ଲାଲ ରକ୍ତ କୋଷିକାର ଉତ୍ପାଦନରେ ସୁଧାର ଆଣିଥାଏ ।

ରକ୍ତ ଶର୍କରାରେ ସ୍ଥିରତା: କନ୍ଦମୂଳରେ ଗଚ୍ଛିତ କେରୋଟିନ୍ ନାମକ ତତ୍ତ୍ୱ ରକ୍ତ ଶର୍କରାକୁ କମ କରିବାରେ ସହାୟକ ହୋଇଥାଏ । ଏଥି ସହିତ ଏଥିରେ ରହିଥିବା ଭିଟାମିନ୍ ବି-୬ ମଧୁମେହ ହାର୍ଟ ରୋଗକୁ କମ କରିବାରେ ସହାୟକ ହୋଇଥାଏ ।

ଶ୍ୱାସ ସମ୍ବନ୍ଧୀୟ ରୋଗ: ନିୟମିତ ରୂପରେ କନ୍ଦମୂଳ ଖାଇବା ଫଳରେ ଏହା ଶରୀର ପାଇଁ ଭିଟାମିନ୍ ଏ' ଆବଶ୍ୟକତାକୁ ୯୦% ପୂରଣ କରିଥାଏ । ଭିଟାମିନ୍ ଏ' ଥିବା ହେତୁ ଏହା ଫୁସଫୁସ୍ ରୋଗ ତଥା ବାତପିତ୍ତର ଚିକିତ୍ସା ପାଇଁ ଖୁବ୍ ଫଳପ୍ରଦ ।

ଅଲସର ଚିକିତ୍ସା: ଯଦି ପେଟରେ ଅଲସର ରହିଛି, ତେବେ ଖାଦ୍ୟରେ କନ୍ଦମୂଳ ସାମିଲ କରନ୍ତୁ । ଏଥିରେ ଗଚ୍ଛିତ ଭିଟାମିନ୍ ସି' ବିଟା କେରୋଟିନ୍, ଭିଟାମିନ୍ ବି, ପୋଟାସିୟମ ଅଲସରର ଆଶଙ୍କାକୁ କମ୍ କରି ଦେଇଥାଏ ।

ହୃଦ୍ ସ୍ପନ୍ଦନ ନିୟନ୍ତ୍ରଣ କରେ: ପୋଟାସିୟମ୍‌ରେ ସମୃଦ୍ଧ ହୃଦ ସ୍ପନ୍ଦନ ଓ ତାନ୍ତ୍ରିକ ସଙ୍କେତକୁ ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ । ଏଥି ସହିତ ପୋଟାସିୟମ କିଡନୀର କାର୍ଯ୍ୟକୁ ନିୟନ୍ତ୍ରିତ କରିବାରେ ସମସ୍ୟାକୁ ରୋକିବା ଓ ମାଂସପେଶୀକୁ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ ।

ଏସିଡିଟି ଦୂର କରେ: କନ୍ଦମୂଳରେ ଆଣ୍ଟି ଇନ୍‌ଫ୍ଲାମେଟରୀ ସମସ୍ୟା ହାର୍ଟବର୍ଣ୍ଣ, ଏସିଡିଟି ଓ ମାଂସପେଶୀ ଚିକିତ୍ସାରେ ସହାୟକ ହୋଇଥାଏ । ଯଦି ଏହିପରି କିଛି ସମସ୍ୟା ରହିଛି ତେବେ କନ୍ଦମୂଳକୁ ନିୟମିତ ରୂପରେ ଖାଇବା ଫଳରେ ଏହା ଠିକ୍ ହୋଇଥାଏ ।

# ସ୍ୱର୍ବେଦ

**ୱୀତରାଗ ମାୟାରହିତ, ଅନଘ**
**ଅମାନ ଅଚାହ ।**
**ଅକାଞ୍ଚନ ଅନୁରାଗ ରତ, ସଦା**
**ରହେଁ ପ୍ରଭୁ ଚାହ ॥୧୧॥**

ଭାଷ୍ୟ - ବିଷୟ ରାଗରୁ ରହିତ, ମାନ ସମ୍ମାନ, କାମନା ଏବଂ ଧନ ଇଚ୍ଛା ପ୍ରତି ବୀତସ୍ପୃହ ପ୍ରଭୁ ଅନୁରାଗୀ, ମୁମୁକ୍ଷୁ ହିଁ ପ୍ରଭୁ ପ୍ରୀତି ନିମନ୍ତେ ସର୍ବଦା ପ୍ରଯତ୍ନ କରିଥାଏ ।

**ଉଦାସୀନ ଶମ ଦମ ସହିତ,**
**ନିପୁଣ ତିତିକ୍ଷା ପାସ ।**
**ଅନିକେତ ତରୁ ୱାସ ହେଁ,**
**ଭୋଜନ ନିରସ ନିରାସ ॥୧୨॥**

ଭାଷ୍ୟ - ବୀତସ୍ପୃହ ସନ୍ଥ, ଶମ, ଦମ ଏବଂ ତିତିକ୍ଷାଯୁକ୍ତ ହୋଇ ଗୃହରେ ବାସ ନ କରି ବୃକ୍ଷ ତଳେ ନିବାସ କରିଥାନ୍ତି ଓ ଯାହା ପ୍ରାରବ୍ଧବଶତଃ ପ୍ରଭୁ ଇଚ୍ଛାନୁକୂଳ କଞ୍ଚା ଶୁଖିଲା ଯାହା ଭୋଜନ ମିଳିଲା ତାହା ଗ୍ରହଣ କରି ଭଜନରେ ଲାଗି ରହିଥାନ୍ତି । ଏହି ଦୋହାରେ ବିରକ୍ତ ଅର୍ଥାତ୍ ବୀତସ୍ପୃହ ସନ୍ଥର ନିୟମ ବିଷୟରେ କୁହାଯାଇଛି ।

**ସୁଖ ୱ ଶାନ୍ତି ସଂସାର ମେଁ,**
**ୱିଚରତ ସନ୍ତ ସ୍ୱଭାୱ ।**
**ଦୟା ଭଲା ମୟ ଜୀୱ କା,**
**ମହିମା ଭଜନ ପ୍ରଭାୱ ॥୧୩॥**

ଭାଷ୍ୟ - ବୀତସ୍ପୃହ ସନ୍ଥ ନିଜର ଭଜନର ପ୍ରଭାବରେ ସନ୍ଥ ସ୍ୱଭାବରେ ଜଗତରେ ଭ୍ରମଣ କରି ସମସ୍ତଙ୍କୁ ସୁଖ ଶାନ୍ତି ପ୍ରଦାନ କରନ୍ତି ଏବଂ ସମସ୍ତ ଜୀବମାନଙ୍କ ଉପରେ ଦୟା କରି ଜ୍ଞାନ ଆଉ ସଦୁପଦେଶରେ ଉପକାର କରିଥାନ୍ତି । ଏହା ବିରକ୍ତ ଅର୍ଥାତ୍ ବୀତସ୍ପୃହ ସନ୍ଥର ମହତି ମହିମା ଅଟେ ।

**ଶତ୍ରୁ ମିତ୍ର ନହିଁ ଜଗତ୍ ମେଁ, ସବ**
**କୋ ଏକ ସମାନ ।**
**ଭଜନ ୱିୱେକ ୱିଚାର ମେଁ, ସବ**
**ସେ ରହେଁ ଅମାନ ॥୧୪॥**

ଭାଷ୍ୟ - ବିରକ୍ତ ଅର୍ଥାତ୍ ବୀତସ୍ପୃହ ସନ୍ଥ ଭଜନ, ବିବେକରେ ନିମଗ୍ନ ହୋଇ ସ୍ୱତନ୍ତ୍ର ତଥା ନିର୍ଭୟ




ହୋଇ ଜଗତରେ ବିଚରଣ କରିଥାନ୍ତି । ସଂସାରରେ ତାଙ୍କର କେହି ଶତ୍ରୁ ଅବା କେହି ମିତ୍ର ନ ଥାନ୍ତି । ସେ ସମସ୍ତ ପ୍ରାଣୀଙ୍କୁ ଏକ ସମାନ ଦେଖନ୍ତି ।

**ଦୁଖ ସୁଖ ଏକ ସମାନ ହେଁ, ହାନି**
**ଲାଭ ନହିଁ କୋୟ ।**
**ନିନ୍ଦା ଅସ୍ତୁତି ସମ ଗିନେ, ହର୍ଷ**
**ୱିଷାଦ ନ ହୋୟ ॥୧୫॥**

ଭାଷ୍ୟ - ବିରକ୍ତ ସନ୍ଥ ନିମନ୍ତେ ଦୁଃଖ ଏବଂ ସୁଖ ଏକ ସମାନ ହୋଇଥାଏ । ତାଙ୍କ ନିକଟରେ ଲାଭ କ୍ଷତିର କୌଣସି ପ୍ରକାର ଭାବ ଦେଖାଯାଏ ନାହିଁ । ସେ ନିନ୍ଦା ଏବଂ ସ୍ତୁତି ଉଭୟକୁ ସମାନ ବିବେଚନା କରି ହର୍ଷ ଆଉ ବିଷାଦରୁ ମୁକ୍ତ ହୋଇଥାନ୍ତି ।

**ଧୀର ଜ୍ଞାନ ୱିଜ୍ଞାନ ମେଁ, ଶିଲ**
**ସନ୍ତୋଷ ଅସଙ୍ଗ ।**
**ଦୟା କ୍ଷମା ୱ୍ୟସନ ରହିତ,**
**ଅନ୍ତର ପ୍ରେମ ଅଭଙ୍ଗ ॥୧୬॥**

ଭାଷ୍ୟ - ବିରକ୍ତ ସନ୍ଥ ଧୈର୍ଯ୍ୟ, ଜ୍ଞାନ, ବୈରାଗ୍ୟ, ଶୀଳ, ସନ୍ତୋଷ, ତ୍ୟାଗ, ଦୟା ଏବଂ କ୍ଷମା ସହିତ ବ୍ୟସନରୁ ମୁକ୍ତ ହୋଇ ଆତ୍ମାର ପୂର୍ଣ୍ଣ ପ୍ରେମରେ ଭକ୍ତିରେ ନିମଗ୍ନ ହୋଇଯାଆନ୍ତି ।

**ଅନ୍ତର ପୂରଣାନନ୍ଦ ହେ, ୱିହୱଲ**
**ୱିମଲ ଶରୀର ।**
**ମଗନ ନିରନ୍ତର ହରି ଭଜନ,**
**ସନ୍ତ ସ୍ୱଭାୱ ଅଭୀର ॥୧୭॥**

ଭାଷ୍ୟ - ସନ୍ଥ ନିଜର ସ୍ୱଭାବରେ ପବିତ୍ର, କ୍ଲେଶରହିତ ହୋଇଥାନ୍ତି ଆଉ ନିଜର ବିମଳ ଶରୀର ଥକିଯିବା ପରେ ମଧ୍ୟ ଅନ୍ତରରେ ପୂର୍ଣ୍ଣାନନ୍ଦରେ ନିମଗ୍ନ ହୋଇ ନିରନ୍ତର ଭଜନ କରିଥାନ୍ତି ।

**ଆସନ ଶିଖର ଉତୁଙ୍ଗ ହେଁ,**
**ମହିମା ଭଜନ ପ୍ରତାପ ।**
**ସୁଖ ସାଗର ଭୀନା ରହେ, ରୋମ**
**ରୋମ ଧ୍ୱନି ଆପ ॥୧୮॥**

ଭାଷ୍ୟ - ଭଜନର ପ୍ରତାପରେ ଆତ୍ମା ସଦ୍‌ଗୁରୁ ଭେଦ ରହସ୍ୟ ରୂପୀ ଉଚ୍ଚ ଭୂମିରେ ଆସୀନ ହୋଇଛି ଏବଂ ପରମାନନ୍ଦ ମହାସାଗର ରୂପୀ ମହାନ୍ ସୁଖରେ ଅନୁରକ୍ତ ଅଛି ଯାହା ଫଳରେ ସମଗ୍ର ଦେହ ସଂଘାତ ଏବଂ ଆତ୍ମା ସମ୍ବନ୍ଧୀୟ ସମସ୍ତ ତତ୍ତ୍ୱଗୁଡ଼ିକ ସହିତ ଏକାକାର ଧ୍ୱନି ପ୍ରକଟ ହେଉଅଛି । ଏହା ଯୋଗର ମହାନ୍ ମହତ୍ତ୍ୱ ଅଟେ ।

**ଆଡ଼ମ୍ବର ପାଖଣ୍ଡ କୋ, ତ୍ୟାଗ**
**ଭଜନ କର ସନ୍ତ ।**
**ନିସ୍ପୃହୀ ନିଷ୍କାମ ହେଁ, ଗୋଦ ଲିଏ**
**ଭଗୱନ୍ତ ॥୧୯॥**

ଭାଷ୍ୟ - ସଂସାରର ସମସ୍ତ କାମନାରୁ ରହିତ ହୋଇ ସନ୍ଥ ବୃଥା ଆଡ଼ମ୍ବରକୁ ତ୍ୟାଗକରି ଭଜନ କରିଥାନ୍ତି ଏବଂ ତାହାକୁ ସ୍ୱୟଂ ମହାପ୍ରଭୁ ସ୍ୱୀକାର କରି ନିଜ ଶରଣରେ ରଖି ତାଙ୍କୁ କୃତକୃତ୍ୟ କରି ଦିଅନ୍ତି । ଆତ୍ମସମର୍ପିତ ଏବଂ ସର୍ବତ୍ୟାଗୀ ଭକ୍ତକୁ ହିଁ ପରମ ପ୍ରଭୁ ସ୍ୱୀକାର କରିଥାନ୍ତି ।

**ଜନ ହରି ହରି ଜନ ମେଁ ରହେଁ,**
**କ୍ଷଣ ନହିଁ ୱିୟୋଗ ।**
**କୱଚ ରୂପ ହରି ପାଲହୀଁ, ବାହର**
**ଭୀତର ସଂୟୋଗ ॥୨୦॥**

ଭାଷ୍ୟ - ଭକ୍ତ ଆଉ ଭଗବାନଙ୍କର କ୍ଷଣେ ସୁଦ୍ଧା ବିୟୋଗ ହୋଇ ନ ଥାଏ । ପ୍ରଭୁ ବାହାରେ ଭିତରେ ସବୁ ସ୍ଥାନରେ ଏକତ୍ର ରହି କବଚ ରୂପରେ ରକ୍ଷା କରି ପାଳନ କରିଥାନ୍ତି ।

**ମୀନ ଭୀନ ଜଲ ସେ ରହେ, ହରି**
**ଜନ ହରି ନ ଅସଙ୍ଗ ।**
**ବ୍ୟାକୁଲ କ୍ଷଣିକ ୱିୟୋଗ ମେଁ,**
**ପ୍ରେମ ଅସୀମ ଅଭଙ୍ଗ ॥୨୧॥**

ଭାଷ୍ୟ - ଯେମିତି ମୀନ ଜଳ ବିନା କ୍ଷଣେମାତ୍ର ରହିପାରେ ନାହିଁ ଠିକ୍ ସେମିତି ହରିଙ୍କର ଜନ ହରିଙ୍କର କ୍ଷଣେମାତ୍ର ବିୟୋଗ ସହ୍ୟ କରି ପାରନ୍ତି ନାହିଁ । ତାଙ୍କ ବିନା ବ୍ୟାକୁଳ ହୋଇ ଯାଆନ୍ତି । ଏଭଳି ପୂର୍ଣ୍ଣ ଏବଂ ଅସୀମ ପ୍ରେମ ହରିଙ୍କର ଭକ୍ତ ହରି ନିକଟରେ ରହିଛି ।

**ନାମ ହୃଦୟ ପରକାଶ ହେଁ,**
**ଅନୁପମ ଅମର ଅମୋଲ ।**
**ରିଧି ସିଦ୍ଧି ପାଛେ ଫିରେ, ଭଜନ**
**ସୁଖ ହିତ ହୋଲ ॥୨୨॥**

ଭାଷ୍ୟ - ସନ୍ଥମାନଙ୍କର ହୃଦୟରେ ଅନୁପମ, ଅମୃତ, ଅମୂଲ୍ୟ ନାମ ପ୍ରକାଶ କରିଥାଏ ଏବଂ ସେମାନଙ୍କର ହିତ ତଥା ସୁଖ ନିମନ୍ତେ ଋଦ୍ଧି ସିଦ୍ଧି ଅନୁଧାବନ କରୁଥାନ୍ତି ।

**ହରି ଜନ ହରି ମହ ରତ ରହେଁ,**
**ଛାଡ଼ି ସକଲ ଜଗ ଆଶ ।**
**ଆଗେ ପାଛେ ହରି ଫିରେଁ, ସବ**
**ସୁଖ ଜନ କହଁ ପାସ ॥୨୩॥**

ଭାଷ୍ୟ - ପ୍ରଭୁଙ୍କର ଭକ୍ତ ସଂସାରର ସମସ୍ତ ଆଶାକୁ ଛାଡ଼ି ପ୍ରଭୁ ଭକ୍ତିରେ ନିମଗ୍ନ ରହିଥାନ୍ତି । ପରମପ୍ରଭୁ ତାଙ୍କୁ ସମସ୍ତ କଷଣରୁ ରକ୍ଷା କରିଥାନ୍ତି ଏବଂ ସର୍ବସୁଖ ପ୍ରଦାନ କରିଥାନ୍ତି ।

**ଜନ ଜୀୱନ ମୃତକ ଭୟା, ଅନ୍ତର**
**ଗମ ଲୱଲୀନ ।**
**ଋଦ୍ଧି ସିଦ୍ଧି ସେୱା କରେ, ହରି**
**ଭଜନ ନହିଁ ଭୀନ ॥୨୪॥**

ଭାଷ୍ୟ - ଅନୁଭବୀ ସନ୍ଥ ସଂସାରିକ ଜୀବନରୁ ମୁକ୍ତ ହୋଇ ଜୀବନ୍ମୃତକ ହୋଇ ଯାଆନ୍ତି । ତାଙ୍କୁ ସଂସାରର ଆଶା, ଇଚ୍ଛା ଏବଂ ଚିନ୍ତା ରହେନାହିଁ । ସେମାନେ ଅନ୍ତରର ଚେତନମାର୍ଗରେ ନିମଗ୍ନ ହୋଇଯାଆନ୍ତି । ରିଦ୍ଧି ସିଦ୍ଧି ତାଙ୍କର ସେବା କରନ୍ତି । ମାତ୍ର ସେହି ତ୍ୟାଗୀ ସନ୍ଥ ସେଗୁଡ଼ିକରେ ଅନୁରକ୍ତ ନ ହୋଇ ନିଶିଦିନ ପ୍ରକୃତିପାର ପରମପ୍ରଭୁଙ୍କର ଭକ୍ତି ଆନନ୍ଦରେ ସର୍ବଦା ନିମଗ୍ନ ରହିଥାନ୍ତି ।

# ପରମ ଶାନ୍ତିର... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ମନର ଏହି ଦୁର୍ବଳତା ତାକୁ କୌଣସି ସସଂକଳ୍ପରେ ଲଗାଇ ନ ପାରିବା କାରଣରୁ ଆସିଥାଏ । ଯେତେବେଳେ ମନ ନିଜର ସମସ୍ତ ଦୋଷକୁ ତ୍ୟାଗ କରିଦିଏ, ସେତେବେଳେ ତାକୁ ବାସ୍ତବରେ ସତ୍ୟର ଅନୁସନ୍ଧାନର ଅବସର ମିଳିଥାଏ ଏବଂ ସେ ଶାନ୍ତିର କେନ୍ଦ୍ର ଆତ୍ମାର ଚିରସ୍ଥାୟୀ ତୃଷ୍ଣା ଦିଗକୁ ଆକର୍ଷିତ ହୋଇଥାଏ ।

ଏହା ପରମ ଶାନ୍ତିର ସେହି ମାର୍ଗ, ଯାହା ଉପରେ ଆମେ ସମସ୍ତେ ଚାଲିବା ଉଚିତ । ଶାନ୍ତି ପାଇବାକୁ ହେଲେ ପ୍ରଥମେ ଦୋଷ – ଦୁର୍ଗୁଣଗୁଡ଼ିକର ପରିତ୍ୟାଗ କରାଯାଉ, ତାପରେ ଅନ୍ତରର ବିକାଶ ପଥରେ ଚାଲିବା ଶିଖାଯାଉ । ସେତେବେଳେ ବାସ୍ତବରେ ବ୍ୟକ୍ତିତ୍ୱ ସେହି ଦିବ୍ୟ ଶାନ୍ତି ଅନୁରୂପ ଗଠିତ ହୋଇ ପାରିବ, ଯାହା ବିଶ୍ୱକୁ ସର୍ବଦା ପ୍ରଫୁଲ୍ଲିତ ଓ ଆଲୋକିତ କରିଛି ।

ଶାନ୍ତର ଉପାୟ ନିଜ ଅନ୍ତର୍ମନର ପରିଶୋଧନରେ ରହିଛି । ନିଜ ହୃଦୟର ତୃଷ୍ଣାକୁ ମେଣ୍ଟାଇ ମନ ଏକତ୍ୱଦର୍ଶୀ ଏବଂ ସମତା ପରାୟଣ ହେବା– ଏହା ମନର ଦିବ୍ୟତା, ସମ୍ପୂର୍ଣ୍ଣତା ଓ ସ୍ୱରୂପ ସହିତ ତଦାକାର ହେବାର ବିଲକ୍ଷଣ ବିଜ୍ଞାନ ଅଟେ, ଯାହାକୁ ପ୍ରତ୍ୟେକ ପ୍ରକାଶଦର୍ଶୀ, ପ୍ରତ୍ୟେକ ଜାଗ୍ରତ ହୃଦୟର ବ୍ୟକ୍ତି, ପ୍ରତ୍ୟେକ ପରିସ୍ଥିତିରେ ସ୍ୱୀକାର କରିବା ଉଚିତ ତଥା ତାହାକୁ ଉଜାଗର କରି ଶାନ୍ତି, ସୁମଙ୍ଗଳ ଓ ଶ୍ରେଷ୍ଠତାର ପଥରେ ଅଗ୍ରସର ହେବା ଉଚିତ ।

ଯଦି ଆମ ହୃଦୟରେ ଆର୍ତ୍ତିକ ଶାନ୍ତି ବାସ କରିଛି, ତେବେ ତାହାକୁ କୌଣସି ପରିସ୍ଥିତିରେ, କୌଣସି କଠିନତା ମଧରେ ବିଚଳିତ କରାଯାଇ ପାରିବ ନାହିଁ ତଥା ତାହା ପରିପୂର୍ଣ୍ଣ ରୂପେ ନିଜର ବିଶୁଦ୍ଧ ସ୍ୱରୂପକୁ ପ୍ରାପ୍ତ କରିବାରେ ସଫଳ ହୋଇ ପାରିବ । ଆତ୍ମପଲବ୍ଧି ଓ ଆତ୍ମଶାନ୍ତି ଗୋଟିଏ ସତ୍ୟ ପ୍ରାପ୍ତିର ଦୁଇଟି ମାର୍ଗ ତଥା ସେଗୁଡ଼ିକୁ ବିକଶିତ ଏବଂ ପ୍ରୟୋଗ କରିବା ପାଇଁ ଆମକୁ ମନ୍ଦ ବିଚାରଗୁଡ଼ିକ ପରିତ୍ୟାଗ କରିବାକୁ ହେବ, ଯଦ୍ୱାରା ଆମର ଜୀବନ ସୁଖ, ସୌନ୍ଦର୍ଯ୍ୟ ଓ ଶାନ୍ତିର ପର୍ଯ୍ୟାୟ ହୋଇ ପାରିବ ।

ସୁସ୍ପଷ୍ଟ ବିଚାର ଓ ସୁଦୃଢ଼ କାର୍ଯ୍ୟପ୍ରଣାଳୀ ଦିଗରେ ଅଗ୍ରସର ହେବାରେ କୌଣସି କଠିନତା ନ ହେଉ ତଥା ଆମର ଅନ୍ତର୍ମନ ପ୍ରତ୍ୟେକ କାର୍ଯ୍ୟକୁ ବୁଝି- ବିଚାରି ନୀତିପୂର୍ବକ କରିପାରୁ– ଏହା ଶାନ୍ତି, ଦିବ୍ୟତା ଓ ଅନୁଗ୍ରହର ସେହି ମାର୍ଗ, ଯାହା ଉପରେ ଚାଲି ମହାମାନବଙ୍କୁ ଗଢ଼ାଯାଇ ପାରିବ ଏବଂ ସେମାନଙ୍କ ଦ୍ୱାରା ବିଶ୍ୱର ସମସ୍ୟାଗୁଡ଼ିକର ସମାଧାନ ସମ୍ଭବ ହୋଇ ପାରିବ ।

ଶାନ୍ତି ଦୋଷ ଯୁକ୍ତ ହୋଇ ନ ଥାଏ ଓ ଅଶାନ୍ତିର ସର୍ବଦା କୌଣସି କାରଣ ନାହିଁ । ଯଦି ଆମ ହୃଦୟରେ ପୂର୍ଣ୍ଣ ସ୍ପଷ୍ଟତା ରହିବ ତେବେ ଆମେ ଶାନ୍ତକୁ ହିଁ ବାଛିବା ଏବଂ ସେତେବେଳେ ସମଗ୍ର ବାହ୍ୟଜଗତ ଆମକୁ ନିଜର ହିଁ ପ୍ରକାଶ କିରଣଗୁଡ଼ିକର କାର୍ଯ୍ୟ ବିସ୍ତାର ଓ ଏକମାତ୍ର ପରମାତ୍ମାଙ୍କ ଅନୁପମ ଅଭିବ୍ୟକ୍ତି ରୂପେ ଦୃଷ୍ଟିଗୋଚର ହେବ ତଥା ସମ୍ପୂର୍ଣ୍ଣ ଅସ୍ତିତ୍ୱ ଏକ ହିଁ ଦିବ୍ୟ ନାଦ ଦ୍ୱାରା ଆଲୋକିତ ହେଉଥିବାର ଦେଖାଯିବ ।

# ନଡିଆ ଓ ନଡିଆ ତେଲର ଉପକାରିତା

ନଡିଆ ତେଲକୁ ଆମେ ସାଧାରଣତଃ ଦେହରେ ଲଗେଇବାରେ ବ୍ୟବହାର କରୁ । କିନ୍ତୁ ନଡିଆତେଲ ରାନ୍ଧିବାରେ ଖାଇବା ଅଧିକ ଫଳପ୍ରଦ ଏବଂ ସ୍ୱାସ୍ଥ୍ୟ ସହାୟକ । ଆମର ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ନଡିଆ ତେଲକୁ ଖାଇବା ତେଲ ଭାବରେ ବହୁଳ ପରିମାଣରେ ବ୍ୟବହାର କରୁଥିବାର ଦେଖାଯାଏ ।



ବିଶେଷକରି ନଡିଆ ତେଲ, ଘିଅ ତିଆରି ଖାଦ୍ୟ ପଦାର୍ଥ ମଧୁମେହ ହୃଦରୋଗ ଏବଂ କ୍ୟାନସର ଭଳି ଦୁଃସାଧ ରୋଗକୁ ପ୍ରତିହତ କରିବାରେ ସାହାଯ୍ୟ କରିଥାଏ ।

ନଡିଆତେଲ, ଘିଅ ଓ ଲହୁଣୀରେ ପାମିନିକ୍ ଏସିଡ୍ ଏବଂ ମ୍ୟୁରିଷ୍ଟିକ୍ ଏସିଡ୍ ରହିଛି ଯାହାକି ମଧୁମେହ ବା ଡାଇବେଟିସ୍ ପାଇଁ ଉପକାରୀ ।

ଏହାଛଡ଼ା, ନଡିଆତେଲ ଔଷଧୀୟ ଗୁଣ ଯୋଗୁଁ ଚର୍ମରୋଗ ପାଇଁ ଏହା ଉପଯୋଗୀ ହୋଇଥାଏ ।

ମରା ନଡିଆ ତେଲ ଓ ଶ୍ରୀ କର୍ପୁର ଫୁଟାଇ ବିଭିନ୍ନ ପ୍ରକାର ଚର୍ମରୋଗ ଯଥା ଯାଦୁ, ବିଇଞ୍ଚ, ଚମଦଳା, କାଛୁକୁଣ୍ଡିଆ ଇତ୍ୟାଦିର ଚିକିତ୍ସା କରାଯାଇଥାଏ ।

ନଡିଆ ତେଲକୁ ଅନ୍ୟ ସୁବାସିତ ଇତ୍ୟାଦି ଦ୍ୱାରା ଫେଣ୍ଟି କେଶ ତୈଳ, କ୍ରିମ୍ ଇତ୍ୟାଦି ପ୍ରସ୍ତୁତ କରାଯାଏ । ନଡିଆକୁ କୋରି କୋରି, ବରା ଇତ୍ୟାଦି ଖାଦ୍ୟ ଭାବରେ ଆମେ ଗ୍ରହଣ କରିଥାଉ । ଏହା ଶକ୍ତବର୍ଦ୍ଧକ ଏବଂ ହଜମ କ୍ରିୟାରେ ସହାୟକ ।

## ଟିକିଏ ହସନ୍ତୁ

ସ୍ୱାମୀ ସ୍ତ୍ରୀକୁ : ଏତେ ଟେଷ୍ଟି ଚଟଣୀ କେମିତି ତିଆରି କରୁଛ ?
ସ୍ତ୍ରୀ : ଚଟଣୀ ତିଆରି କଲାବେଳେ ତମ କଥା ଭାବିନିଏ । ସେଥିପାଇଁ ଚଟଣୀ କୁଟିବା ସହଜ ହୁଏ ।

× × ×

ଷ୍ଟାଇଲରେ ନିଶ ଦାଢ଼ି ବଢେଇଥିବା ଜଣେ ଯୁବକ ଦୋକାନୀକୁ : ଭଲ ଫେସ୍‌ୱାଶ ଦେବେ ।
ଦୋକାନୀ : ଫେସ୍‌ୱାଶ କ'ଣ କରିବେ ? ଶାମ୍ପୁ ନେଉ ନାହାନ୍ତି ।
ଯୁବକ : ଚେହେରା ସଫା କରିବାକୁ କିଏ ଶାମ୍ପୁ ନିଏ ଯେ, ମତେ କହୁଛ ନେବାକୁ ।
ଦୋକାନୀ : ତମ ଚେହେରା ତ ନିଶ ଦାଢୀରେ ଭର୍ତ୍ତି, ଫେସ୍‌ୱାଶ୍ ନେଇ କ'ଣ କରିବ ? ଶାମ୍ପୁ ନିଅ ।

× × × ×

ମୀନା : ଝିଅମାନେ ଯଦି ପରଧନ ।
ତା'ହେଲେ ପୁଅମାନେ କ'ଣ ?
ଟିନା : ସେମାନେ ହେଉଛନ୍ତି 'ଚୋର' ।
ମୀନା : କେମିତି ?
ଟିନା : କାରଣ ଏମାନେ ପରଧନକୁ ନେଇଯାଆନ୍ତି ।



× × × ×

ପିଙ୍କି ସାଙ୍ଗ ରିଙ୍କିକୁ ମୋ ବୟଫ୍ରେଣ୍ଡର କାଲି ଜନ୍ମଦିନ ।
ରିଙ୍କି : ୱାଓ.... ।
ପିଙ୍କି : ତାକୁ କ'ଣ ଗିଫ୍ଟ ଦେବି ଜାଣି ପାରୁନି ।
ରିଙ୍କି : ସେ କ'ଣ ପଇସାବାଲା ?
ପିଙ୍କି : ହଁ ।
ରିଙ୍କି : ତା'ହେଲେ ତାକୁ ମୋ ଫୋନ୍ ନମ୍ବର ଦେଇ ଦେ ।

× × × ×

ଜେଜେମା' ନାତୁଣୀକୁ : ରୋଷେଇ କରିବା ଟିକେ ଶିଖି ଯା' । ରୋଷେଇ ଶିଖିବା ନିହାତି ଜରୁରୀ ।
ନାତୁଣୀ : ହେଲେ କାହିଁକି ଜେଜେମା ?
ଜେଜେମା' : ମନେକର କୋଉଦିନ ତୋ' ସ୍ୱାମୀ ଘରେ ନ ଥିବ, ସେଦିନ କ'ଣ ତୁ ଭୋକିଲା ପେଟରେ ଶୋଇବୁ ?

× × × ×

ସୋନୁ ସ୍କୁଲକୁ ଗୋଟେ ଗଧ ନେଇକି ଆସିଥାଏ । ଏହା ଦେଖି ଶିକ୍ଷକ : ଏଇ ଗଧକୁ କାହିଁକି ଆଣିଛୁ ?
ସୋନୁ : ଆପଣ ତ ଅନେକ ଥର କହିଛନ୍ତି ବଡ଼ ବଡ଼ ଗଧଙ୍କୁ ଆପଣ ମଣିଷ କରିଛନ୍ତି । ମୋର କେହି ଭାଇ ନାହାନ୍ତି । ସେଥିପାଇଁ ଆମର ପୋଷା ଗଧକୁ ଆଣିଛି । ଆପଣ ତାକୁ ମଣିଷ କରିଦେଲେ ମୋ ପାଇଁ ବଡ଼ ଉପକାର ହେବ ।

# ତେଜପତ୍ରର ଉପକାରିତା

ତେଜପତ୍ର କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନଥାଏ ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବରଦାନ ସଦୃଶ । ଖାଦ୍ୟପେୟରେ ସାଧାରଣତଃ ମସଲା ଭାବରେ ଉପଯୋଗ କରାଯାଉଥିବା ତେଜପତ୍ର ବିଭିନ୍ନ ପ୍ରକାର ରୋଗରୁ ସୁରକ୍ଷା ଦେଇଥାଏ । ସୁଗନ୍ଧିତ ସ୍ୱାଦ ବିଶିଷ୍ଟ ତେଜପତ୍ରରେ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଓ ଖଣିଜ ରହିଥାଏ । ଏଥିରେ ଭିଟାମିନ୍ ଏ ଓ ଭିଟାମିନ୍ ସି' ରହିଛି । ଡାଇବେଟିସ୍ ନୁହେଁ ବହୁ ଘାତକ ରୋଗରୁ ମଧ୍ୟ ତେଜପତ୍ର ଆମକୁ ସୁରକ୍ଷା ଦେଇଥାଏ । ଔଷଧୀୟ ଗୁଣରେ ଭରପୁର ତେଜପତ୍ର କ୍ୟାନ୍ସର ପରି ଘାତକ ରୋଗରେ ମଧ୍ୟ ଲାଭଦାୟକ ହୋଇଥାଏ ।

ଭିଟାମିନ୍ 'ଏ' ଓ 'ସି' ମିଳିଥାଏ: ତେଜପତ୍ର ବ୍ୟବହାର ଦ୍ୱାରା ବହୁ ସ୍ୱାସ୍ଥ୍ୟଗତ ଲାଭ ମିଳିଥାଏ । ତେଜପତ୍ରରେ ଭିଟାମିନ୍ 'ଏ' ଓ 'ସି' ସହିତ ଫୋଲିକ୍ ଏସିଡ୍ ପ୍ରଚୁର ପରିମାଣରେ ରହିଛି । ଯଦି ଆପଣଙ୍କର ପେଟ ସମସ୍ୟା ରହିଛି ତେବେ ତେଜପତ୍ର ଆପଣଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଆପଣ ଏହାକୁ ପ୍ରତ୍ୟେହ ମସଲା ରୂପରେ ବ୍ୟବହାର କରନ୍ତୁ ।

**ଅବସାଦ ଦୂର ହୋଇଥାଏ:**



ତେଜପତ୍ର ଖାଇବା ଦ୍ୱାରା ଅବସାଦ ଦୂର ହୋଇଥାଏ । ଏହା ଡାଇବେଟିସ ରୋଗରେ ମଧ୍ୟ ଲାଭଦାୟକ ହୋଇଥାଏ । ଯେଉଁମାନେ ଟାଇପ୍ ୨ ଡାଇବେଟିସ୍ ରୋଗରେ ପ୍ରଭାବିତ ସେମାନେ ତେଜପତ୍ର ନିୟମିତ ସେବନ କରିବା ଉଚିତ । ଏହା ଖାଇବା ଦ୍ୱାରା ଶରୀରରେ ଗ୍ଲୁକୋଜ୍ ସ୍ତର କମିଯିବ ଓ କୋଲେଷ୍ଟ୍ରଲ ମଧ୍ୟ ହ୍ରାସ ଘଟିବ ।

**ଡାଇବେଟିସ୍ ପାଇଁ ୩ ଗ୍ରାମ ତେଜପତ୍ର:** ଟାଇପ୍ ୨ ଡାଇବେଟିସ୍ ରୋଗୀ ପ୍ରତିଦିନ ୩ ଗ୍ରାମ ପର୍ଯ୍ୟନ୍ତ ତେଜପତ୍ର ଖାଇବା ଉଚିତ । ଏହାଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରି ଯିବ । ତେଜପତ୍ରରେ କପର, ପୋଟାସିୟମ୍, କ୍ୟାଲସିଅମ୍, ସେଲେନିୟମ୍ ଓ ଆଇରନ୍ ରହିଛି । ସମସ୍ତ ପ୍ରକାର ପେଟ ସମସ୍ୟା କ୍ଷେତ୍ରରେ ତେଜପତ୍ର ବରଦାନ ସଦୃଶ ।

**କୋଷ୍ଠ କାଠିନ୍ୟ ସମସ୍ୟା:** ଆପଣଙ୍କର କୋଷ୍ଠକାଠିନ୍ୟ କିମ୍ବା ଏସିଡିଟି ସମସ୍ୟା ଥିଲେ ତେଜପତ୍ର ଖାଆନ୍ତୁ । କିଛି ଦିନ ମଧ୍ୟରେ ଏହି ସମସ୍ୟା ଲାଘବ ହେବା ଅନୁଭବ କରିବେ । ଏକ ମସଲା ଭାବରେ ତେଜପତ୍ର ସ୍ୱାସ୍ଥ୍ୟ ପାଇଁ ସବୁ ଦୃଷ୍ଟିରୁ ଲାଭଦାୟକ । ପେଟରେ କୃମି ହୋଇଥିଲେ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ଏହା ଔଷଧ ପରି କାମ କରିଥାଏ ।

**ନିଦ ଭଲ ହୋଇଥାଏ:** ଦୈନିକ ତେଜପତ୍ର ଖାଇବା ଦ୍ୱାରା ନିଦ ମଧ୍ୟ ଭଲ ହୋଇଥାଏ । ଆପଣ ପାଣିରେ ତେଜପତ୍ର ପକାଇ ପିଇପାରିବେ । କିଡନୀ ପାଇଁ ମଧ୍ୟ ଏହା ଲାଭଦାୟକ ହୋଇଥାଏ । ଏହା ଦାନ୍ତ ଲାଗି ମଧ୍ୟ ଉପକାରୀ । ଏଥିରେ ଥିବା ଭିଟାମିନ୍ ସି' ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖିବାରେ ସହାୟକ ହୁଏ । ଏଥରେ ଆଣ୍ଟି ଇନଫ୍ଲାମେଟୋରୀ ଗୁଣ ରହିଥିବାରୁ ଏହା ଦାନ୍ତ ବିନ୍ଧା ସମୟରେ ମଧ୍ୟ କାମରେ ଆସିଥାଏ । କ୍ୟାନସର ପରି ଘାତକ ରୋଗ କ୍ଷେତ୍ରରେ ମଧ୍ୟ ଏହା ଲାଭଦାୟକ ହୋଇଥାଏ । କିନ୍ତୁ ଏହାର ଅଧିକ ଉପଯୋଗ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

## ଆପଣ ଜାଣନ୍ତି କି ?

- ୟୁକ୍ଲିଡ୍‌ଙ୍କୁ ଜ୍ୟାମିତିର ପିତା କୁହାଯାଏ ।
- ଗଣିତ ବିଦ୍ୟାଳୟରେ କମ୍ପ୍ୟୁଟରକୁ ବି ପଛରେ ପକାଇ ଦେଇଥିବା ଭାରତୀୟ ମହିଳା ହେଉଛନ୍ତି ଶକୁନ୍ତଳା ଦେବୀ ।
- ଜୁଡ୍ ଫେଲିକ୍ସ ହେଉଛନ୍ତି ଭାରତୀୟ ହକିର ପ୍ରସିଦ୍ଧ ଖେଳାଳି ।
- ଅର୍ଥନୀତି କ୍ଷେତ୍ରରେ ପ୍ରଫେସର ଅମର୍ତ୍ତ୍ୟ ସେନ ପ୍ରସିଦ୍ଧି ଲାଭ କରିଛନ୍ତି ।
- ଚଳଚ୍ଚିତ୍ର ନିର୍ଦ୍ଦେଶନାରେ ସତ୍ୟଜିତ୍ ରାୟ ଅନ୍ତର୍ଜାତିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛନ୍ତି ।
- କୁଷ୍ଠ ନିବାରଣ ପାଇଁ କୋରିଆର ଡକ୍ଟର ଜୁନ୍ ଲିଉ ଅନ୍ତର୍ଜାତୀୟ ଗାନ୍ଧି ପୁରସ୍କାର ଲାଭ କରିଛନ୍ତି ।
- ପଦ୍ମଭୂଷଣ ଚିତ୍ରକର ଜାମିନି ରାୟ ୧୮୮୭ ମସିହା ଏପ୍ରିଲ ୧୧ ରେ ଜନ୍ମ ଗ୍ରହଣ କରିଥିଲେ ।
- ପଣ୍ଡିତ ବିରଜୁ ମହାରାଜ ଶାସ୍ତ୍ରୀୟନୃତ୍ୟରେ ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିଲେ ।
- ଇଟାଲୀର ସାନ ବିଆଜିଓ ଡି କାଲାଟାରେ ଜନ୍ମ ଗ୍ରହଣ କରିଥିବା ପିଏରେ କାରଡିନ୍ ଫ୍ୟାସନ ଡିଜାଇନ୍ କ୍ଷେତ୍ରରେ ପ୍ରସିଦ୍ଧ ଅର୍ଜନ କରିଛନ୍ତି ।



- ରବୀନ୍ଦ୍ରନାଥଟାଗୋର ସାହିତ୍ୟରେ ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଥିଲେ ।

# କାନ ସମସ୍ୟା ପାଇଁ ରସୁଣ ରସ

ରସୁଣ ଦେହ ପାଇଁ ବହୁ ଉପକାରୀ ବୋଲି କୁହାଯାଏ । ରସୁଣ, ତେଲ ଲଗାଇବା ଦ୍ୱାରା କେବଳ ଥଣ୍ଡା ନୁହେଁ ରସୁଣ ରସ ଦ୍ୱାରା କାନ ସମସ୍ୟା ମଧ୍ୟ ଦୂର ହୋଇଥାଏ । କାନର ଯେ କୌଣସି ସମସ୍ୟା ପାଇଁ ରସୁଣ ଖୁବ୍ ଲାଭଦାୟକ ହୋଇଥାଏ ।



**କାନରେ ଦରଜ:** କାନରେ ଦରଜ ହେଉଥିଲେ ୧୦-୧୫ ଟି ରସୁଣକୁ ଭଲରେ ବାଟି ସେଥିରୁ ରସ ବାହାରିଲେ ୨-୪ ବୁନ୍ଦା କାନରେ ପକାଇବା ଦ୍ୱାରା ଦରଜ କମ୍ ହୋଇ ଯାଇଥାଏ । କାନରେ ଘା' କିମ୍ବା ଖଣ୍ଡିଆ ହୋଇଥିଲେ ରସୁଣ ରସ ପକାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । ପ୍ରଥମତଃ ରସ ପଡିବା ଦ୍ୱାରା କାନ ଭିତରେ ଗରମ ଅନୁଭୂତ ହୋଇଥାଏ । ପରେ ଆରାମଦାୟକ ହୋଇଥାଏ ।

**କାନ ସଂକ୍ରମଣ:** କାନରେ ସଂକ୍ରମଣ ହେବା ସାଧାରଣ କଥା । କାନ ଅପରିଷ୍କାର ରହିବା ଦ୍ୱାରା ଏପରି ସମସ୍ୟା ହୋଇଥାଏ । ତେଣୁ କାନ ସଂକ୍ରମଣରୁ ରକ୍ଷା ପାଇବାକୁ ହେଲେ ରସୁଣ ରସ ବହୁ ଉପକାରୀ ହୋଇଥାଏ । କାରଣ ରସୁଣରେ ବା ଆଣ୍ଟି ଭାଇରାଲ ଓ ଆଣ୍ଟି ବ୍ୟାକ୍ଟେରିଆଲ କ୍ଷମତା କାନର ସମସ୍ୟାକୁ କମ୍ କରି ସଂକ୍ରମଣରୁ ରକ୍ଷା କରିଥାଏ ।

**କାନ ଫୁଲିବା:** କାନରେ ଥିବା କୌଣସି ସମସ୍ୟା ହେତୁ କାନ ଫୁଲୁଥିଲେ ରସୁଣ ରସକୁ ଉପଯୋଗ କଲେ କାନର ଫୁଲାଜନିତ ଅନ୍ୟାନ୍ୟ ସମସ୍ୟା କମିଯିବା ସହ କାନରେ ହେଉଥିବା ଜଳାପୋଡ଼ାରୁ ମଧ୍ୟ ଆଶ୍ୱସ୍ତି ମିଳିଥାଏ ।

## ତାଳସଜର ଲାଭକାରୀ ଗୁଣ

ପ୍ରତିଦିନ ଗୋଟେ ଗ୍ଲାସ୍ ତାଳସଜ ଜୁସ୍ ପିଅନ୍ତୁ । ଏହାଦ୍ୱାରା ଏସିଡିଟି ଦୂର ହୋଇଥାଏ । ତାଳସଜ ଖାଇବାଦ୍ୱାରା ଶରୀରରେ ଥିବା ଅପରିଷ୍କାର ତତ୍ତ୍ୱ ବାହାରିଯିବା ସହ ଲିଭରକୁ ସୁରକ୍ଷା ମିଳେ । ତାଳସଜ ଫାଇବର ଯୁକ୍ତ ହୋଇଥିବାରୁ ଏହା କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ । ଏହାସହ ତ୍ୱଚାରେ ଚମକ ଆଣିବାରେ ସହାୟକ ହୋଇଥାଏ ।



# ସ୍ୱାସ୍ଥ୍ୟକର କଳାଜିରା

କଳାଜିରା କେବଳ ଯେ ମସଲା ପାଇଁ ବ୍ୟବହାର କରାଯାଏ ତାହା ନୁହେଁ ଏହାକୁ ଖାଇବା ଦ୍ୱାରା ବହୁ ବଡ଼ ବଡ଼ ରୋଗର ପ୍ରତିକାର ମଧ୍ୟ କରାଯାଇପାରିବ । କଳାଜିରା ଦେଖିବାକୁ ଖୁବ୍ ଛୋଟ ହୋଇଥିଲେ ବି ବହୁ ଦୁଃସାଧ ରୋଗର ପ୍ରତିରୋଧ ରୂପେ ବ୍ୟବହାର କରାଯାଏ । ଆମେରିକାର ଗବେଷଣା କେନ୍ଦ୍ରରେ ଏଚଆଇଭି ରୋଗୀଙ୍କୁ କଳାଜିରା, ରସୁଣ ଓ ମହୁରେ ପ୍ରସ୍ତୁତ ଏକ କ୍ୟାପସୁଲ ଖାଇବା ପାଇଁ ଦିଆଯାଇଥିଲା । ଯାହାର ପ୍ରଭାବିତ ସୁଫଳ କିଛିଦିନରେ ଦେଖିବାକୁ ମିଳିଥିଲା ।



**ପୁଷ୍ଟିକର ମସଲା:** କଳାଜିରାରେ ଶ୍ୱେତସାର ଓ ପ୍ରୋଟିନ୍ ଭଳି ୧୦୦ ରୁ ଅଧିକ ପୋଷକତତ୍ତ୍ୱ ରହିଛି । ତେଣୁ ଏହାକୁ ଖାଇବା ଦ୍ୱାରା ବଡ଼ ବଡ଼ ରୋଗର ସମସ୍ୟାକୁ ଏଡାଇ ଦିଆଯାଇ ପାରିବ ।

**କର୍କଟ ନିରାକରଣ:** କଳାଜିରାରେ କର୍କଟ ରୋଗର ନିରାକରଣ କ୍ଷମତା ରହିଛି । ଗୋଟେ ଗ୍ଲାସ ଅଙ୍ଗୁର ରସରେ ଏକ ଚାମଚ କଳାଜିରା ତେଲ ମିଶାଇ ପିଇବା ଦ୍ୱାରା କର୍କଟର ଜୀବାଣୁ କମି ଯାଇଥାଏ ।

**ମଧୁମେହ ନିୟନ୍ତ୍ରଣକାରୀ:** ଯଦି ସୁଗାରର ମାତ୍ରା ଅଧିକ ଥାଏ ତେବେ କଳାଜିରା ମଞ୍ଜି, ସୋରିଷ ଓ ଡାଳିମ୍ବ ଚୋପାକୁ ଗୁଣ୍ଡ କରି ଏହାର ଚୂର୍ଣ୍ଣକୁ ଦୈନିକ ଖାଲି ପେଟରେ ଖାଇବା ଦ୍ୱାରା ସୁଗାର ନିୟନ୍ତ୍ରଣ କରାଯାଇ ପାରିବ ।

**ଷ୍ଟୋନର ପ୍ରତିଷେଧକ:** ଯଦି ପେଟରେ ପଥର ହୋଇଛି ତେବେ କଳାଜିରା ଖୁବ୍ ଫଳପ୍ରଦ ହୋଇଥାଏ । ଅଳ୍ପ ମହୁରେ କଳାଜିରାକୁ ବାଟି ଖାଇବା ଦ୍ୱାରା ଆରାମ ମିଳିଥାଏ ।

# ସ୍ମରଣ ଶକ୍ତି ବୃଦ୍ଧି ପାଇଁ କମଳା ଜୁସ୍

ବୟସ ବଢ଼ିବା ସହ ସ୍ମରଣ ଶକ୍ତି ଦୁର୍ବଳ ହେବା ସାଧାରଣ କଥା । ଏ ସମୟରେ ଛୋଟ ଛୋଟ କଥା ଭୁଲିବା ସମସ୍ୟା ଦେଖା ଦେଇଥାଏ, ଯାହା ଅତ୍ୟନ୍ତ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ । ଏଭଳି ସମସ୍ୟାରେ ପତିତ ହେବାକୁ ଚାହୁଁ ନ ଥିଲେ ଯୁବାବସ୍ଥାରୁ ସୁରକ୍ଷିତ ପଦକ୍ଷେପ ନେବା ନିତାନ୍ତ ଜରୁରୀ । ଏକ ଗବେଷଣାରୁ ଜଣାପଡିଛି, ଯେଉଁମାନେ ସବୁଜ ପନିପରିବା, ଗାଢ଼ ନାରଙ୍ଗୀ ଏବଂ ଲାଲ ରଙ୍ଗର ଫଳ, ଷ୍ଟବେରୀ, ବ୍ଲାକବେରୀ ଏବଂ ବ୍ଲୁବେରୀ ଭଳି ଫଳ ଖାଇବା ସହ କମଳା ଜୁସ୍ ପିଇଥାନ୍ତି, ସେମାନଙ୍କର ବୃଦ୍ଧାବସ୍ଥାରେ ସ୍ମୃତିଶକ୍ତି ହ୍ରାସ ସମସ୍ୟା ଅନେକ ମାତ୍ରାରେ ହ୍ରାସ ପାଇଥାଏ । ଗବେଷଣା ଅନୁସାରେ, ବୃଦ୍ଧାବସ୍ଥାର ୨୦ ବର୍ଷ ପୂର୍ବରୁ ଯଦି ପ୍ରଚୁର ମାତ୍ରାରେ ଫଳ ଏବଂ ପନିପରିବା ସେବନ କରାଯାଏ, ତେବେ ସ୍ମରଣ ଶକ୍ତି ହ୍ରାସ ହେବାର ଭୟ ଦୂର ହୋଇଥାଏ ।



## କହିପାରିବେ କି ?

(୧) ମୋନାଲିସାର ଚିତ୍ରକର କିଏ ?
(୨) ଭାଓଲିନରେ କେତୋଟି ତାର ରହିଛି ?
(୩) କେଉଁ ପକ୍ଷୀର ଆଖି ତା'ର ମୁଣ୍ଡ ଠାରୁ ବଡ଼ ?
(୪) ତରଭୁଜର ସୃଷ୍ଟି କେଉଁ ଦେଶରୁ ?
(୫) କେଉଁ ସାମୁଦ୍ରିକ ଜୀବ ଶରୀରର ୯୫ ପ୍ରତିଶତ ଜଳ ?
(୬) ଆମ ଶରୀରର ସବୁଠୁ ସମ୍ବେଦନଶୀଳ ଅଙ୍ଗ କିଏ ?
(୭) ବିଦ୍ୟୁତ୍ ଶକ୍ତିର ଉଦ୍ଭାବକ କିଏ ?
(୮) ସବୁଠୁ ଦ୍ରୁତ ଗତିରେ ଦୌଡୁଥିବା ପଶୁ ?
(୯) ଜଳର ସ୍ୱାଦ କିପରି ?
(୧୦) କେଉଁ ଲେଖକ ଦୁଇଟି ଦେଶର ଜାତୀୟ ସଂଗୀତ ରଚନା କରିଛନ୍ତି ?

## JUMBLE WORDS

| | | | |
|---|---|---|---|
| 1) DHOYSD | = | 6) ETNNTI | = |
| 2) MISLDA | = | 7) NPTEI | = |
| 3) NAGTI | = | 8) ULYOS | = |
| 4) LTEIE | = | 9) ELVARB | = |
| 5) KAYLEW | = | 10) COLAAN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ପ୍ରଫୁଲ୍ଲ ଚନ୍ଦ୍ର ରାୟ, ୨.ୱାର୍ଲ୍ଡୱାଇଡ୍ ୱେବ୍, ୩.ବ୍ରୁସେର, ୪.ଆଫ୍ରିକା, ୫.ଆନେମୋମିଟର, ୬.ଆଞ୍ଜେଲ ଜଳପ୍ରପାତ, ୭.ରାଫ୍ଲେସିଆ, ୮.ନୀଳ ଆଫ୍ରିକା, ୯.ଆଫ୍ରିକା, ୧୦.ଜୁନ୍ ୫ ।

***Jumble Words*** ର ଉତ୍ତର :-

(1) BASIC (2) TARDY (3) CANOPY (4) GOSSIP (5) KHAKI
(6) VERGE (7) BONNET (8) SNAPPY (9) PURGE (10) PRESS

# ଡକ୍ଟର ଚନ୍ଦ୍ରଶେଖର ହୋତା ହେଲେ ସାହିତ୍ୟ ଏକାଡେମୀ ସଚିବ

ଭୁବନେଶ୍ୱର : ପ୍ରତିଷ୍ଠିତ ସାହିତ୍ୟିକ, ଓଡ଼ିଶା ପୁଲିସ୍ ସେବାର ବରିଷ୍ଠ ଅଧିକାରୀ ଡକ୍ଟର ଚନ୍ଦ୍ରଶେଖର ହୋତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଡକ୍ଟର ହୋତା ଏହି ଦାୟିତ୍ୱ ସହିତ ଅନ୍ୟାଦେଶ ପର୍ଯ୍ୟନ୍ତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଭାବରେ ମଧ ଦାୟିତ୍ୱ ତୁଲାଇବେ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି ।

୧୯୮୫ ଜୁଲାଇ ୧ରେ ବଲାଙ୍ଗୀର ଲୋଇସିଂହା ଗୁର୍ଜିଭଟାରେ ଜନ୍ମିତ ଡକ୍ଟର ହୋତା ୨୦୦୭ ମସିହାରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଛନ୍ତି । ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ବି ଗବେଷଣା କରିଛନ୍ତି । ସେ ନିଜର ପ୍ରବନ୍ଧ ସଙ୍କଳନ 'ଚେତନାର ଅନ୍ୱେଷଣ' ପାଇଁ ୨୦୨୦ ରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ଲେଖକ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ତାଙ୍କ ପ୍ରକାଶିତ ପୁସ୍ତକଗୁଡ଼ିକ ମଧରେ 'ଗାନ୍ଧୀ କବିତା', 'ଓଡ଼ିଶାରେ ଗାନ୍ଧୀ ବିବିଧତାର ଚର୍ଚ୍ଚା', 'ଅସ୍ତସୂର୍ଯ୍ୟର ବିସ୍ମୟ ଓ ଅନ୍ୟାନ୍ୟ ଗଳ୍ପ', 'ସାଂସ୍କୃତିକ ଆହ୍ୱାନ', 'ଓଡ଼ିଆ ଗାନ୍ଧୀ କବିତା' ପ୍ରଭୃତି ଅନ୍ୟତମ । ପୂର୍ବରୁ ଡକ୍ଟର ହୋତା ସାହିତ୍ୟ



ଏକାଡେମୀର କାର୍ଯ୍ୟକାରୀ ପରିଷଦ ସଦସ୍ୟ ସାଙ୍ଗକୁ ବିଭିନ୍ନ କମିଟିରେ ରହିସାରିଛନ୍ତି ।

ଜଣେ ବରିଷ୍ଠ ପୁଲିସ ଅଧିକାରୀ ହେଲେ ହେଁ ନିଶା ତାଙ୍କର ସାହିତ୍ୟ । ବିଭିନ୍ନ ବିଭାଗରେ ସେ ନିୟମିତ ଲେଖାଲେଖି କରନ୍ତି । ବିଶେଷତଃ ଉଚ୍ଚକୋଟୀର ପ୍ରବନ୍ଧ ରଚନାରେ ସେ ସିଦ୍ଧହସ୍ତ । 'କଳ୍ପନା, ଅନୁଭବ ଓ ସାହିତ୍ୟ' ତାଙ୍କର ଆଉ ଏକ ପାଠକାଦୃତ ପ୍ରବନ୍ଧ ସଂକଳନ । ଶ୍ରୀ ହୋତା ଭାରତୀୟ ରାଜନୈତିକ ଦର୍ଶନର ଛାତ୍ର । ତାଙ୍କ ପ୍ରବନ୍ଧର ବୌଦ୍ଧିକ ପଠନ ଓ ଗତିଶୀଳତା ନିଆରା । ସେ ଜଣେ ବାଗ୍ମୀ । ସାରସ୍ୱତ ସାଧନା ନିମନ୍ତେ ସେ ଗୋକର୍ଣ୍ଣିକା ସମ୍ମାନ, ଜଗନ୍ନାଥ ଦାସ ସମ୍ମାନ, ମହୁରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

୨୦୨୩ ଜୁଲାଇରୁ ସାହିତ୍ୟ ଏକାଡେମୀରେ ସ୍ଥାୟୀ ସଚିବ ନିଯୁକ୍ତି ହୋଇନଥିଲା । ତତ୍କାଳୀନ ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତଙ୍କ ପରଲୋକ ପରେ ସରକାରୀ ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ରହିଥିଲେ । ସେହିପରି ୨୦୨୪ ମେ' ମାସରୁ ଏକାଡେମୀର ସଭାପତି ଓ ଉପସଭାପତିଙ୍କ କାର୍ଯ୍ୟକାଳ ମଧ ଶେଷ ହୋଇଛି ।

ନୂଆ ସରକାର ଗଠନ ପରେ ଏକାଡେମୀ ପଦବି ପୂରଣ ପାଇଁ ବାରମ୍ବାର ଦାବି ହେଉଥିଲେ ବି ସରକାର ସମୟ ଗଡ଼ାଇ ଚାଲିଥିଲେ । ସାହିତ୍ୟ ଏକାଡେମୀ ସଚିବ ପଦବିରେ ନିଯୁକ୍ତି ଦେଇ ସରକାର ଏକାଡେମୀ ପଦବି ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ପ୍ରବୋଧ ରଥ ୨୦୨୪ ସେପ୍ଟେମ୍ବରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପଦ ଛାଡ଼ିଥିଲେ । ଏହାପରେ ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଭାଗ୍ୟଲିପି ମଲ୍ଲଙ୍କୁ ଏକାଡେମୀ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଶ୍ରୀମତୀ ମଲ୍ଲ ୨୮ରେ ଚାକିରିରୁ ଅବସର ନେଇଛନ୍ତି ।

# ତୃତୀୟ ଶ୍ରାର୍ଦ୍ଧବାର୍ଷିକୀରେ ହେମାନନ୍ଦ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି

ଝାରସୁଗୁଡ଼ା: ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଝାରସୁଗୁଡା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ଝାରସୁଗୁଡା ଜିଲ୍ଲାର ଲାଇକେରା ନିର୍ବାଚନ ମଣ୍ଡଳୀକୁ ୬ ଥର ବିଧାୟକ ଭାବେ ତାଙ୍କ କାର୍ଯ୍ୟକାଳ ମଧରେ ନିର୍ବାଚନ ମଣ୍ଡଳୀର ସାମଗ୍ରିକ ଉନ୍ନତି ପାଇଁ ଅହରହ ଉଦ୍ୟମ କରୁଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ଜିଲ୍ଲା ସଭାପତି ଭରତ ଅବସ୍ତି, ସିଆରାମ ଦାସ, ବରିଷ୍ଠ ନେତା ପ୍ରଶାନ୍ତ ତ୍ରିପାଠୀ, ବିଜୟ ସାକୁନିଆ, ଓ୍ୱାରିଶ ଭାଇ, ରାଜେନ୍ଦ୍ର କର, ବିଜୟ ଦାସ, ସୁଖଦେବ ବାଗ, ଦେବାନନ୍ଦ ବାରିକ, ଓମପ୍ରକାଶ ଠକ୍କର, ବବଲୁ ଓଡକା ଙ୍କ ସହିତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ସେହିପରି ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ନିଜସ୍ୱ ଗ୍ରାମ ଠାକୁରପଡା ଠାରେ ତାଙ୍କର ଶ୍ରାଦ୍ଧ ବାର୍ଷିକ ପାଳନ କରାଯାଇଥିଲା ଏବଂ ସେଠାରେ ତାଙ୍କର ପରିବାର ବର୍ଗ ତଥା ଗ୍ରାମବାସୀଙ୍କ ସହ ଅନେକ ସାଧାରଣ ଜନତା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ବୁର୍ଲା ଇନ୍ଦିରା କ୍ଲବ ଓ ଅଗ୍ରଣୀ ରକ୍ତଦାନ ସଂସ୍ଥା 'ତ୍ୟାଗ' ପକ୍ଷରୁ ମଧ ଶ୍ରୀ ବିଶ୍ୱାଳଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ଇନ୍ଦିରା କ୍ଲବରେ ଅନୁଷ୍ଠିତ ଶୋକ ସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ଚାରଣ କରାଯାଇଥିଲା । ଶ୍ରୀ ବିଶ୍ୱାଳ ତ୍ୟାଗ ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷାକ ଥିଲେ । ତ୍ୟାଗ ତାଙ୍କରି ସହଯୋଗରେ ଓଡ଼ିଶାର ପ୍ରଥମ ଜାତୀୟ ରକ୍ତଦାନ କର୍ମଶାଳା ୨୦୦୮ରେ ଆୟୋଜନ କରିପାରିଥିଲା । ସେ ଜୀବିତ ଥିବା ସମୟରେ ଏହିପରି ୮ଟି ଜାତୀୟ ଓ ୫ଟି ରାଜ୍ୟସ୍ତରୀୟ ରକ୍ତଦାନ କର୍ମଶାଳା ଆୟୋଜନ କରିଥିଲା । ୪ରୁ ଉର୍ଦ୍ଧ୍ୱ ମେଗା ଶିବିରରେ ୧୦୦୦ରୁ ଉର୍ଦ୍ଧ୍ୱ ରକ୍ତଦାତା ରକ୍ତଦାନ କରି ଓଡ଼ିଶାରେ ଏକ ବିରଳ ରେକର୍ଡ ସେ ସମୟରେ କରିପାରିଥିଲେ । ଶ୍ରୀ ବିଶ୍ୱାଳଙ୍କ ପ୍ରେରଣାରେ ଆଜି ବି ହଜାର ହଜାର ରକ୍ତଦାତା ସ୍ୱେଚ୍ଛାକୃତ ରୂପେ ରକ୍ତଦାନ କରୁଛନ୍ତି । କୋଭିଡ ସମ୍ପୂର୍ଣ୍ଣ ଲକ ଡାଉନ୍ ସମୟରେ 'ତ୍ୟାଗ' ତାଙ୍କରି ନେତୃତ୍ୱରେ ୭୧ ଦିନ ରନ୍ଧା ଖାଦ୍ୟ ବୁର୍ଲା ମେଡିକାଲର ରୋଗୀ ପରିଜଣଙ୍କୁ ଯୋଗାଇ ଦେଇଥିଲା । କୋଭିଡ ସମୟରେ 'ତ୍ୟାଗ' ହଜାର ୟୁନିଟ ରକ୍ତଦାନ ବି କରିଥିଲା । ସମାଜସେବା କ୍ଷେତ୍ରରେ ଶ୍ରୀ ବିଶ୍ୱାଳଙ୍କ ଅବଦାନ ଅସୀମ ବୋଲି 'ତ୍ୟାଗ'ର୍ ସଭାପତି ଶ୍ରୀ ଦୁର୍ଗା ପାଢ଼ୀ କହିଛନ୍ତି । ପ୍ରଫେସର ସଞ୍ଜିତ ସାହୁ, ଡକ୍ଟର ସଞ୍ଜୟ ପଟ୍ଟନାୟକ, ଡକ୍ଟର ସନ୍ତୋଷ କାନୁନଗୋ, ଡକ୍ଟର ସୁଶାନ୍ତ, ଦିଗମ୍ବର ପାତ୍ର, ଓକିଲ ପ୍ରକାଶ ଶତପଥୀ, ଓକିଲ ଅରୁଣ କୁମାର, ଓକିଲ ସୁମନ୍ତ ସ୍ୱାଇଁ, ପୂର୍ବତନ ସିନେଟ୍ ସଭ୍ୟ କାଲୁ ଓ୍ୱାଇଁ, ଅରୁଣ ମହାକୁଡ, ପ୍ରଶାନ୍ତ ପ୍ରଧାନ, ବୁଲୁ ମହାନ୍ତି, ସଞ୍ଜୟ ନାୟକ, ସୁକାନ୍ତ ପରିଡ଼ା, ପଙ୍କଜ ମଜୁମଦାର, ବିରଞ୍ଚି ମହାପାତ୍ର ପ୍ରମୁଖ ନିଜ ନିଜ ଶ୍ରଦ୍ଧାଞ୍ଜଳିରେ ଶ୍ରୀ ବିଶ୍ୱାଳଙ୍କ ଗୁଣ ଗାନ କରିଥିଲେ । କ୍ୟାନ୍ସର ଓ୍ୱାର୍ଡରେ ବିସ୍କୁଟ ବଣ୍ଟାଯାଇ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା ।

## ଘୋଷଣା

୧୯୫୬ ମସିହାର ରେଜିଷ୍ଟ୍ରେଶନ ଅଫ୍ ନିଉଜ୍ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ସାପ୍ତାହିକ 'ସ୍ୱୀକାର'ର ବିବରଣୀ (ଫର୍ମ ୪ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | - | ସମ୍ବଲପୁର |
| ୨. | ପ୍ରକାଶ ସମୟ | - | ପ୍ରତ୍ୟେକ ସପ୍ତାହର (ରବିବାର) |
| ୩. | ମୁଦ୍ରାକରଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |
| ୪. | ପ୍ରକାଶକଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |
| ୫. | ସମ୍ପାଦକଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | - | ହେମନ୍ତ କୁମାର ମହାପାତ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |

ଆମ୍ଭେ ଶ୍ରୀ ହେମନ୍ତ କୁମାର ମହାପାତ୍ର ଏତଦ୍ଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

**ହେମନ୍ତ କୁମାର ମହାପାତ୍ର,**
**ପ୍ରକାଶକ, 'ସ୍ୱୀକାର'**

ତା.୨/୦୩/୨୦୨୫

# ବୁଟି ବାବା ବନୌଷଧୀ ବଗିଚା ଉଦ୍‌ଘାଟିତ

ବରଗଡ଼ : ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ନୃସିଂହନାଥ ମନ୍ଦିର ନିକଟରେ ଗୁରୁଣ୍ଡା ଯିବା ରାସ୍ତାରେ ବୁଟି ବାବା ବନ ଔଷଧୀ ବଗିଚା ଉଦ୍‌ଘାଟିତ ହୋଇଯାଇଛି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ପରେ ଅତିଥିମାନେ ଔଷଧ ବୃକ୍ଷସହ ତୁଳସୀ ମାତାଙ୍କର ପାଞ୍ଚ ପ୍ରକାର ଚାରାରୋପଣ କରିଥିଲେ । ଏହି ଅବସରରେ ନୃସିଂହନାଥ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ



ପରିବେଶବିତ ପାରେଶ୍ୱର ସାହୁ, ପ୍ରକୃତିବନ୍ଧୁ ବଡ଼ ଶତପଥି ପ୍ରମୁଖ ଯୋଗଦେଇ ଔଷଧୀ ଉଦ୍ୟାନ ଦ୍ୱାରା ଲୋକେ କିକି ଉପକାର ପାଇବେ, କିପ୍ରକାର ଔଷଧୀୟ ଗଛ ଲଗାଯିବ ସେନେଇ ବିସ୍ତୃତ ବର୍ଣ୍ଣନା କରିଥିଲେ ।

# ଆଧୁନିକ ସ୍ଥାପତ୍ୟ ସଂରକ୍ଷଣ' ଆନ୍ତର୍ଜାତୀୟ ପ୍ରଶିକ୍ଷଣ ପାଇଁ ଭିସୁଟ ଅଧ୍ୟାପକ ମନୋନୀତ



ବୁର୍ଲା: ସମ୍ପ୍ରତି ଗୁଜରାଟର ରାଜଧାନୀ ଅହମଦାବାଦ ଠାରେ 'ଆଧୁନିକ ସ୍ଥାପତ୍ୟ ସଂରକ୍ଷଣ' ସମ୍ପର୍କରେ ଅନୁଷ୍ଠିତ ଆନ୍ତର୍ଜାତୀୟ ପ୍ରଶିକ୍ଷଣରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ସ୍ଥାପତ୍ୟ ବିଭାଗର ସହାୟକ ଅଧାପକ ଅମିତ ଚାଟାର୍ଜୀ ଯୋଗ ଦେଇଥିଲେ । ଏଥିରେ ଭାଗ ନେବାପାଇଁ ନିମନ୍ତ୍ରିତ ହୋଇଥିବା ଆନ୍ତର୍ଜାତିକ ସ୍ତରରେ ୨୩ ଜଣଙ୍କ ମଧରେ ଶ୍ରୀ ଚାଟାର୍ଜୀ ମନୋନୀତ ହୋଇଥିଲେ । ଯୁକ୍ତରାଷ୍ଟ୍ର, ଅଷ୍ଟ୍ରେଲିଆ, ଆରବ, ଓମାନ, ବାହାରିନ, ଶ୍ରୀଲଙ୍କା, ପାକିସ୍ତାନ, ଇଟାଲୀ ଏବଂ ସ୍ପେନରୁ ଶିକ୍ଷାର୍ଥୀଭାବେ ଏଥିରେ ଯୋଗ ଦେଇଥିଲେ । ଆମେରିକାର ଗେଟି ଫାଉଣ୍ଡେସନ୍, ଇନଟ ।କ ହେରିଟେଜ୍ ଆକାଡେମି ଏବଂ ଅହମଦାବାଦର ସେପ୍ଟ ବିଶ୍ୱବିଦ୍ୟାଳୟ ଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଆନ୍ତର୍ଜାତିକ ସ୍ତରରେ ଖ୍ୟାତିପ୍ରାପ୍ତ ସ୍ଥପତିମାନେ ଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |



କୁମ୍‌କୁମ୍‌ଙ୍କ ପାର୍ଥିବ ଶରୀରରେ ପୁଷ୍ପାହାର ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛନ୍ତି କେନ୍ଦ୍ରମନ୍ତ୍ରୀ

# ଆଦର୍ଶ ଶିକ୍ଷୟତ୍ରୀ କୁମ୍‌କୁମ୍ ମିଶ୍ରଙ୍କ ପରଲୋକ

ସମ୍ବଲପୁର: ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ପ୍ରାନ୍ତ ତଥା ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ଅଧାପକ ବିପିନ ବିହାରୀ ନନ୍ଦଙ୍କ ଧର୍ମପତ୍ନୀ କୁମ୍‌କୁମ୍ ମିଶ୍ରଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା । ନନ୍ଦପଡ଼ା ନିବାସୀ ସ୍ୱର୍ଗତ ଯଜ୍ଞ ବିହାରୀ ମିଶ୍ର ଓ ନାରାୟଣୀ ମିଶ୍ରଙ୍କ ବଡ଼ ଝିଅ କୁମ୍‌କୁମ୍ ତାଙ୍କର ପଛରେ ସ୍ୱାମୀ ବିପିନ, ପୁତ୍ର ସବ୍ୟସାଚୀ, ଝିଅ ଡାକ୍ତର ମୋନିକାଙ୍କ ସମେତ ପରିବାରବର୍ଗଙ୍କୁ ଛାଡି ଯାଇଛନ୍ତି । ଅତ୍ୟନ୍ତ ମେଳାପୀ, ଛାତ୍ରବତ୍ସଳ, ପରୋପକାରୀ ଓ ଧର୍ମପରାୟଣା କୁମ୍‌କୁମ୍‌ଙ୍କ ବିୟୋଗ ଖବର ପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ



ବିଧାୟକ ନାଉରୀ ନାଏକ, ବିଜେପିର ଜିଲ୍ଲା ସଭାପତି ଗିରିଶ ପଟେଲ, ଆଡଭୋକେଟ୍ ଡକ୍ଟର ପ୍ରମୋଦ ରଥଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଗୋବିନ୍ଦତୋଲା ସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ । କୁମ୍‌କୁମ୍ ପଦ୍ମପୁର, କୁଚିଣ୍ଡା, ଦେବଗଡ଼ ପରେ ସମ୍ବଲପୁରର ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲ ଶିକ୍ଷକତା ପରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅବସର ନେଇଥିଲେ । ୧୯୭୫ରେ ବିପିନ ନନ୍ଦଙ୍କ ସହିତ ତାଙ୍କ ବିବାହ ହୋଇଥିଲା । ସ୍ଥାନୀୟ ରାଜଘାଟରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା । ଶିକ୍ଷା ଓ ସମାଜ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ 'ସ୍ୱୀକାର' ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ମାନିତ ହୋଇଥିଲେ ।

## ସ୍ମୃତିରେ କୁମ୍‌କୁମ୍ ମିଶ୍ର



ସ୍ୱାମୀ ବିପିନ ବିହାରୀ ନନ୍ଦଙ୍କ ସହ



ପରିବାର ବର୍ଗଙ୍କ ଗହଣରେ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ



ନିଶା ନିବାରଣ ଅଭିଯାନର ପୁରୋଧା ଶତାୟୁ ପୁରୁଷ ପଦ୍ମଚରଣ ନାଏକଙ୍କ ସହ

## ମଣିଷ ପରି ମଣିଷଟିଏ

ଶ୍ରୀମତୀ କୁମ୍‌କୁମ୍ ମିଶ୍ରଙ୍କୁ ମୁଁ ଆଗରୁ ଚିହ୍ନି ନ ଥିଲି । ସେ ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଥିବା ବେଳେ ତାଙ୍କ ସହ ମୋ ପରିଚୟ ହୁଏ । ଥରେ ମୁଁ ସ୍କୁଲ ପରିସରରେ ଛିଡ଼ା ହୋଇଥିବା ବେଳେ ଶ୍ରୀମତୀ ମିଶ୍ର ମୋତେ ତାଙ୍କ ଅଫିସକୁ ପିଅନ୍ ହାତରେ ଡକେଇ ପଠାଇଥିଲେ । ଖବର ପାଇ ମୁଁ ତାଙ୍କ ଅଫିସକୁ ଯିବା ପରେ ସେ ମୋତେ ଯେପରି ସ୍ୱାଗତ କରି ବସେଇଲେ ତାହା ଦେଖି ମୁଁ ଅଭିଭୂତ ହୋଇ ପଡିଥିଲି । ସେ ମୋ ସହ ଏପରି ବ୍ୟବହାର କଲେ ଯେ, ସତେ କି ସେ ମୋତେ ବହୁ ପୂର୍ବରୁ ଜାଣିଛନ୍ତି । ତା'ପରେ ପରେ ମୋ ସଂପାଦନାରେ ପ୍ରକାଶ ପାଉଥିବା ସାପ୍ତାହିକ ପତ୍ରିକା 'ସ୍ୱୀକାର' ବହୁଳ ପ୍ରସାରିତ ଓ ଦୀର୍ଘଜୀବୀ ହେଉ ବୋଲି କହିଥିଲେ । ଏଇଟା ଥିଲା ତାଙ୍କ ସହ ମୋର ପ୍ରଥମ ପରିଚୟ । ତା' ପରଠାରୁ ତାଙ୍କ ଅଧିନରେ କାର୍ଯ୍ୟରତ ମୋର ଧର୍ମପତ୍ନୀଙ୍କ ଜରିଆରେ ସଂପର୍କ ଅତି ଘନିଷ୍ଠ ହୋଇ ପଡିଥିଲା । ଚାକିରୀରୁ ଅବସର ନେବା ପରେ ମଧ ତାଙ୍କ ସହ ଆମ ସଂପର୍କ ବଜାୟ ରହିଥିଲା । ସେ ଆମକୁ ତାଙ୍କର ପରିବାରର ଜଣେ ସଭ୍ୟ ବୋଲି ସର୍ବଦା ବିବେଚନା କରୁଥିଲେ । ମୋ ଧର୍ମପତ୍ନୀଙ୍କୁ ମଝିରେ ମଝିରେ ନିଜଆଡୁ ଫୋନକରି ଦୀର୍ଘ ସମୟ ଦୁଃଖସୁଖ ହେଉଥିଲେ । ୨୦୧୮ ମସିହାରେ ସେ ଦିଲ୍ଲୀ ଏମ୍‌ସରେ ଅପରେସନ ପାଇଁ ଭର୍ତ୍ତି ହୋଇଥିଲେ । ହାସପାତାଲରେ କାହାରି ସହିତ ଫୋନରେ କଥାବାର୍ତ୍ତା ହେବାକୁ ଡାକ୍ତର ମନା କରିଥିଲେ । ତେବେ ସେ ଲୁଚିକରି ଘରର କାହାକୁ ନ କହି ମୋତେ ତାଙ୍କର ଆରୋଗ୍ୟ କାମନା କରି ସମଲେଶ୍ୱରୀ ମନ୍ଦିରରେ ଏକ ଦୀପ ଜଳେଇବାକୁ ଅନୁରୋଧ କରିଥିଲେ । ଏହି ଘଟଣା ମୋତେ ଭାବବିହ୍ୱଳ କରି ଦେଇଥିଲା । ତାଙ୍କ ପରିବାରର ଲୋକମାନେ ସମ୍ବଲପୁରରେ ରହୁଥିଲେ ମଧ କାହାରିକୁ ନ କହି ମୋତେ ଏଥିପାଇଁ ଅନୁରୋଧ କରିବା ଘଟଣାରୁ ମୋ ପ୍ରତି ତାଙ୍କର କେତେ ବିଶ୍ୱାସ ଥିଲା ତାହା ମୁଁ ଅନୁଭବ କରିଥିଲି । ଏପରି ଅନେକ ଘଟଣା ଅଛି ଯେଉଁଥିରୁ ଆମପ୍ରତି ତାଙ୍କର ସ୍ନେହ ଓ ଆନ୍ତରିକତା ବାରି ହେଉଥିଲା ।

ଶ୍ରୀମତୀ ମିଶ୍ର ଛାତ୍ରୀଥିବା ବେଳୁ ତାଙ୍କର ପରୋପକାର ଆଉ ସେବା ମନୋବୃତ୍ତି ଥିଲା । ଯେତେବେଳେ ଝିଅ ମାନେ ଘରୁ ପଦାକୁ ବାହାରିବାକୁ ସଙ୍କୋଚ କରୁଥିଲେ ସେତେବେଳେ ସେ ଛାତ୍ରୀ ଥିବାବେଳେ ଏନ୍‌ସିସିରେ ଯୋଗଦେଇ ଦିଲ୍ଲୀର ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିଥିଲେ । ତାଙ୍କର ଚାକିରୀ କାଳ ମଧରେ ବି ସେ ଜଣେ ଭଲ ଶିକ୍ଷୟତ୍ରୀ ରୂପେ ସୁନାମ ଅର୍ଜନ କରିଛନ୍ତି । ଗୃହିଣୀ ହିସାବରେ ମଧ ସେ ଜଣେ ଗୃହିଣୀ ରୂପେ ନିଜ ପୁଅଝିଅଙ୍କୁ ପ୍ରତିଷ୍ଠିତ କରି ପାରିଛନ୍ତି । ଏହାଛଡ଼ା ତାଙ୍କ ସ୍ୱାମୀ ଶ୍ରୀଯୁକ୍ତ ବିପିନ ବିହାରୀ ନନ୍ଦ ଯେ କି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଓଡ଼ିଶାର ପ୍ରାନ୍ତ ସଂଘ ଚାଳକ ଓ ପରେ ପଶ୍ଚିମ ଓଡ଼ିଶା ପ୍ରାନ୍ତ ସଂଘ ଚାଳକ ଥିଲେ ତାଙ୍କୁ ମଧ ସବୁବେଳେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରି ଆସିଥିଲେ । ଅନ୍ୟର ଦୁଃଖରେ ଦୁଃଖୀ ହେବା ଏବଂ ଅନ୍ୟର ସୁଖରେ ସୁଖୀ ହେବା ଥିଲା ତାଙ୍କର ସବୁଠାରୁ ବଡ଼ଗୁଣ । ସାହାଯ୍ୟ ଚାହୁଁଥିବା ଲୋକକୁ ସେ ସ୍ୱତଃପ୍ରବୃତ୍ତ ଭାବେ ସହାଯ୍ୟ କରି ଆସୁଥିଲେ । ବହୁ ବିଶିଷ୍ଟ ଓ କ୍ଷମତାଶାଳୀ ବ୍ୟକ୍ତିଙ୍କ ସହ ତାଙ୍କର ଘନିଷ୍ଠତା ଥିଲେ ମଧ ତାର ସୁଯୋଗ ନେଇ କେବେ ତାର ଦୁରୂପଯୋଗ କରୁ ନ ଥିଲେ । ଏପରି ଅନେକ ଭଲ ଗୁଣର ସେ ଅଧିକାରୀ ଥିଲେ । ମୋଟାମୋଟି କହିବାକୁ ଗଲେ ସେ ଜଣେ ମଣିଷ ପରି ମଣିଷଟିଏ ଥିଲେ ।

ଦୀର୍ଘଦିନ ଧରି ସେ ବାରମ୍ବାର ଅସୁସ୍ଥ ରହିଥିଲେ ମଧ ସୁସ୍ଥ ହୋଇ ସେ ସ୍ୱାଭାବିକ ଜୀବନ ଯାପନ କରୁଥିଲେ । ଏପରିକି ମୃତ୍ୟୁଦିନ ମଧ ସେ ବିଶେଷ କିଛି କଷ୍ଟ ନ ପାଇ ୭୩ ବର୍ଷ ବୟସରେ ଗୋଡ଼ ହାତ ଚାଲୁଥିବା ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଭାଗବତରେ ଥିବା ଲେଖା 'ପ୍ରାଣୀର ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି'କୁ ଯଦି ଆମେ ବିଶ୍ୱାସ କରିବା ତାହେଲେ ଶ୍ରୀମତୀ ମିଶ୍ର ଯେ ପ୍ରକୃତରେ ଜଣେ ଭଲ ମଣିଷ ଥିଲେ ତାହା ପ୍ରମାଣ କରି ଯାଇଛନ୍ତି । ୭୩ ବର୍ଷ ପୂର୍ବେ ଯେଉଁ ତାରିଖ ଦିନ ସେ ଏ ଧରାପୃଷ୍ଠରେ ଅବତରଣ କରିଥିଲେ ସେହି ତାରିଖରେ ହିଁ ତାଙ୍କର ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହେଲା । ସେ ପୁଣି ପବିତ୍ର ଶିବରାତ୍ରୀ ତିଥିରେ ଏବଂ ଦୀର୍ଘ ୧୪୪ ବର୍ଷ ପରେ ଆସିଥିବା ମହାକୁମ୍ଭର ଅନ୍ତିମ ଦିବସରେ ।

ସାପ୍ତାହିକ 'ସ୍ୱୀକାର'ର ସେ ଜଣେ ଶୁଭେଚ୍ଛୁ ଥିଲେ । ସ୍ୱୀକାର ୟୁଟ୍ୟୁବ୍ ଚେନେଲାର ସେ ଥିଲେ ଜଣେ ନିୟମିତ ଶ୍ରୋତା । ତାଙ୍କର ବିୟୋଗରେ 'ସ୍ୱୀକାର' ଜଣେ ଶୁଭେଚ୍ଛୁକୁ ହରାଇଲା । ଏହାଛଡ଼ା ସମାଜ ମଧ ଜଣେ ଭଲ ମଣିଷକୁ ହରାଇଲା ।

ହେମନ୍ତ କୁମାର ମହାପାତ୍ର



ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଏନ୍.ସି.ସି. ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରସ୍ତାବକ ରୂପେ ଉପସ୍ଥିତ



ସାପ୍ତାହିକ 'ସ୍ୱୀକାର' ପ୍ରଦତ୍ତ ସମ୍ମାନ ଗ୍ରହଣ

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra